

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୪ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 September 2025

Vol.No. 36 ■ No.244 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ମଣିପୁର ପାଇଁ ୮ ହଜାର ୫ ଶହ କୋଟିର ପ୍ରକଳ୍ପ ଘୋଷଣା

ନୂଆଦିଲ୍ଲୀ,୧୩/୯ : ୨୦୨୩ ମେ' ମାସରେ ମଣିପୁରରେ ଜାତିଆଣ ହିଂସା ବ୍ୟାପିବା ପରଠାରୁ ଆଜି ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ସେଠାକୁ ଗସ୍ତ କରିଥିଲେ। ପ୍ରଧାନମନ୍ତ୍ରୀ ଉଭୟ କୁକି ବହୁଳ ଚୁରାଚାନ୍ଦପୁର ଓ ମୈତେଇ ବହୁଳ ଇମ୍ଫାଲକୁ ଯାଇ ଉଭୟ ଜାତିର ଲୋକଙ୍କୁ ଶାନ୍ତି ପ୍ରତିଷ୍ଠା ପାଇଁ ଆହ୍ୱାନ ଦେଇଥିଲେ। ତା'ସହିତ ସେ ମଣିପୁରର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଇମ୍ଫାଲରେ ଏକ ରାଲିକୁ ସମ୍ବୋଧିତ କରି ମୋଦି କହିଥିଲେ, ମଣିପୁରରେ ଯେକୌଣସି ପ୍ରକାର ହିଂସା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ହିଂସା ଆମର ପୂର୍ବପୁରୁଷ ଓ ଭବିଷ୍ୟତ ପିଢ଼ିଙ୍କ ପ୍ରତି ବଡ଼ ଅନ୍ୟାୟ। ଆମକୁ ମଣିପୁରକୁ ଶାନ୍ତି ଓ ବିକାଶର ପଥରେ ଆଗେଇ ନେବାକୁ ହେବ। ଏହାକୁ ଆମକୁ ଏକାଠି ମିଳିମିଶି କରିବାକୁ ହେବ। ଇମ୍ଫାଲରେ ୧୨୦୦ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ



ମଣିପୁରର ଅଭିବୃଦ୍ଧି ପାଇଁ ଏହି ପ୍ରକଳ୍ପଗୁଡ଼ିକର ବେଶ୍ ଗୁରୁତ୍ୱ ରହିଛି। ଏହି ପ୍ରକଳ୍ପଗୁଡ଼ିକ ମଣିପୁରବାସୀଙ୍କ ଜୀବନକୁ ସହଜ କରିବାରେ ସାହାଯ୍ୟ କରିବ। ଏଗୁଡ଼ିକ ରାଜ୍ୟର ଭିତ୍ତିଭୂମିକୁ ମଜବୁତ କରିବ। ତା'ସହିତ ମଣିପୁରର ଯୁବଗୋଷ୍ଠୀ ପାଇଁ ଏହି ପ୍ରକଳ୍ପଗୁଡ଼ିକ ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବ। ସେ କହିଥିଲେ, ୨୦୧୪ ପୂର୍ବରୁ ମଣିପୁରର ଅଭିବୃଦ୍ଧି ହାର ୧%ରୁ କମ୍ ରହିଥିବା ବେଳେ ନିକଟ ଅତୀତ ବର୍ଷଗୁଡ଼ିକରେ ଏହା ଦ୍ରୁତ ଅଭିବୃଦ୍ଧି ଦେଖିଛି। ରାଜ୍ୟରେ ଭିତ୍ତିଭୂମି ବିକାଶର ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଅତୀତରେ ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗରେ ଥିବା ପ୍ରମୁଖ ସହରଗୁଡ଼ିକର ସ୍ୱପ୍ନ ବାସ୍ତବରୂପ ନେଇଥିଲା ଓ ଯୁବବର୍ଗ ନୂଆ ସୁଯୋଗ ପାଇଥିଲେ। କିନ୍ତୁ ଏକବିଂଶ ଶତାବ୍ଦୀ ପୂର୍ବ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକର। ସେଥିପାଇଁ ଭାରତ ସରକାର ମଣିପୁରର ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଫଳସ୍ୱରୂପ ମଣିପୁରର ବିକାଶ ହାର ଦ୍ରୁତ ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ, ଯେଉଁମାନେ ଶିବିରରେ ରହିବାକୁ ବାଧ ହୋଇଛନ୍ତି, ସେମାନଙ୍କ ଜୀବନକୁ ପୁଣି ସାଧାରଣ କରିବା ପାଇଁ ଆମ ସରକାର ଅହରହ କାର୍ଯ୍ୟ କରୁଛି। ବାସଗୃହ ହରାଇଥିବା ଲୋକଙ୍କ ପାଇଁ ଆମ ସରକାର ୭ ହଜାର ନୂଆ ଘର ମଞ୍ଜୁର କରିଛି। ନିକଟରେ କେନ୍ଦ୍ର ସରକାର ମଣିପୁର ପାଇଁ ୩୦୦୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ସେଥିରୁ ବିସ୍ଥାପିତଙ୍କ ପାଇଁ କେବଳ ୫୦୦ କୋଟିରୁ ଅଧିକ ଟଙ୍କାର ସହାୟତା ବ୍ୟବସ୍ଥା କରାଯାଇଛି। ଯେଉଁମାନେ ହିଂସାରେ ପୀଡ଼ିତ ହୋଇଛନ୍ତି, ସେମାନଙ୍କ ଜୀବନକୁ ପୁଣି ସାଧାରଣ କରିବା ହେଉଛି ଆମେ ପ୍ରାଧାନ୍ୟ ଦେଉଛୁ। ମୈତେଇ ବହୁଳ ଇମ୍ଫାଲ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁକି ବହୁଳ ଚରାଚାନ୍ଦପୁର ଯାଇଥିଲେ ଓ ସେଠାରେ ୭,୩୦୦ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଏକ ଜନସଭାକୁ ସମ୍ବୋଧିତ କରି ଶାନ୍ତି ଏବଂ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ର ସରକାର ମଣିପୁରବାସୀଙ୍କୁ ସମସ୍ତ ପ୍ରକାର ସହଯୋଗ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

▶▶ପୃଷ୍ଠା ୭

## ରାଜ୍ୟରେ ଏଆଇରେ ଚାଲିବ ଶାସନ: ନିର୍ଭୁଲ ଓ ଦ୍ରୁତଗତିରେ ହେବ ସରକାରୀ କାମ



ଭୁବନେଶ୍ୱର, ୧୩/୯ (ନି.ପ୍ର): ପ୍ରଶାସନକୁ ଚଳଚଞ୍ଚଳ ଓ ପ୍ରଶାସନିକ ଅଧିକାରୀଙ୍କୁ ଦକ୍ଷ କରିବ ଏଆଇ । ବିନା ଭୁଲରେ ଚୁଟକିରେ ହେବ ଲୋକଙ୍କ କାମ। ଏଥିପାଇଁ ସରକାରୀ ବ୍ୟବସ୍ଥା ସହ ଏଆଇକୁ ଯୋଡିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର , ଯାହାଦ୍ୱାରା ଡବଲ ଇଞ୍ଜିନ ସରକାରରେ ଦ୍ରୁତ ବେଗରେ ବଢ଼ିବ ବିକାଶର ଗତି । ନିର୍ଭୁଲ ହେବ ସରକାରୀ ବ୍ୟବସ୍ଥା, ରକେଟ ବେଗରେ ହେବ ଲୋକଙ୍କ କାମ । ଦ୍ୱନ୍ଦ୍ୱ ରହିଲେ ଏଆଇ କରିବ ସମାଧାନ । ସୁଶାସନ ଓ ପ୍ରଶାସନିକ ସଂସ୍କାର ପାଇଁ ସରକାରୀ ବ୍ୟବସ୍ଥାରେ ଏଆଇର ବହୁଳ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛନ୍ତି ମୋହନ ସରକାର । ଏନେଇ ସାଧାରଣ ପ୍ରଶାସନ ବିଭାଗ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ କମିଶନରଙ୍କୁ ଚିଠି ଲେଖି ଅବଗତ କରିଛି । ପ୍ରତିଦିନର ସରକାରୀ କାର୍ଯ୍ୟରେ ଏଆଇର ହେବ ବ୍ୟବହାର । ଯାହା ସରକାରୀ କର୍ମଚାରୀଙ୍କ କାର୍ଯ୍ୟପ୍ରଣାଳୀକୁ ସୁଗମ ଓ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବ । ପ୍ରଶାସନିକ ବ୍ୟବସ୍ଥାରେ ଦେଖାଦେଉଥିବା ଚ୍ୟାଲେଞ୍ଜକୁ ପ୍ରତିହତ କରିବାରେ ଏଆଇ ନେବ ବଡ ଭୂମିକା । ବିଭାଗ ଓ ବାବୁଙ୍କୁ କ୍ରିୟାଶୀଳ କରିବାକୁ ସରକାର ଏଆଇକୁ ଏବେ ଅସ୍ତ୍ର କରିଛନ୍ତି । ଆଗକୁ ପ୍ରତି ବିଭାଗ ଏଆଇ ଟୁଲ୍ କିଣିବେ । ଯାହାକୁ ବିଭାଗୀୟ କର୍ମଚାରୀ ବ୍ୟବହାର କରିବେ । ତେବେ ଏଆଇ ଟୁଲର ବ୍ୟବହାର ସମୟରେ ସରକାରଙ୍କ ଗୁପ୍ତ ଦସ୍ତାବିଜ ବାହ୍ୟ ପ୍ଲାଟଫର୍ମରେ ଅପଲୋଡ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ପ୍ରଶ୍ନ ଉଠୁଛି, ବିଭାଗରେ ଏଆଇ ବ୍ୟବହାର ନେଇ ବାବୁଙ୍କୁ ମିଳିଛି ତ ଟ୍ରେନିଂ ? ଏଆଇ ବ୍ୟବହାର ଦ୍ୱାରା ମିଳିବ ତ ସୁଶାସନ ?

## ଏନକାଉଣ୍ଟରେ ପରେ ଛାନିଆ ମାଓବାଦୀ: ଭୟରେ ଆତ୍ମସମର୍ପଣ କଲେ ଟପ୍ ମାଓନେତ୍ରୀ ସୁଜାତା

ଭୁବନେଶ୍ୱର, ୧୩/୯ (ନି.ପ୍ର): ଗରିଆବନ୍ଧ ଏନକାଉଣ୍ଟର ପରେ କଣ ହବ ମାଓବାଦୀଙ୍କ ଓଡିଶା ଷ୍ଟେଟ୍ କମିଟିର ଭାଗ୍ୟ । କାରଣ ଓଡିଶା ରାଜ୍ୟ କମିଟିର ମୁଖ୍ୟ ମୋଡେମ୍ ବାଲକ୍ରିଷ୍ଣାଙ୍କ ସହ ୩ ଜଣ ଓଡିଶା କମିଟିର ଆଗ ଧାଡିର ମାଓ ନେତା ଏହି ଗୁଳିବିନିମୟରେ ଟଳି ପଡ଼ିଛନ୍ତି । ଏନକାଉଣ୍ଟର ଭୟରେ ସର୍ବୋଚ୍ଚ ମହିଳା ମାଓ ନେତ୍ରୀ ସିସିଏମ୍ ସୁଜାତା ଆଦି ତେଲେଙ୍ଗାନା ପୁଲିସ ଡିଜିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ମେନପୁର ଥାନା ଭାଲୁଡିଗ୍ଗି ଜଙ୍ଗଲରେ ଓଡିଶା ରାଜ୍ୟ କମିଟିର ସଦସ୍ୟ ତଥା ଟପ୍ ମାଓନେତା ଜୟରାମ ରେଡ୍ଡି ଓରଫ ଚେଲାପତିଙ୍କ ସମେତ ୧୪ ମାଓବାଦୀଙ୍କୁ ନିପାତ କରିଥିଲେ ଛତିଶଗଡ ପୁଲିସର ଯବାନ । ଆଉ ଗତ ଗୁରୁବାର ପୁଣି ସେଇ ମେନପୁର ଭାଲୁଡିଗ୍ଗି ନିକଟସ୍ଥ ମଟାଲ ଜଙ୍ଗଲରେ

▶▶ପୃଷ୍ଠା ୭

## ବିଜେଡିରେ ଥମୁନି ଗୋଷ୍ଠୀ କନ୍ଦଳ: ପ୍ରଫୁଲ ମଲ୍ଲିକଙ୍କ ପାଇଁ ବାହାରିଲେ ପଦ୍ମନାଭ ବେହେରା

ଭୁବନେଶ୍ୱର, ୧୩/୯ (ନି.ପ୍ର): ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଦିଫାଳ ହୋଇଛି ବିଜେଡି । ଏହାକୁ ନାପସନ୍ଦ କରିଛନ୍ତି ଦଳର ବରିଷ୍ଠ ନେତା ପଦ୍ମନାଭ ବେହେରା । ସେ କହିଛନ୍ତି, ଦଳରେ ଥାଇ ଦଳୀୟ ଦଳୀୟ ଶୃଙ୍ଖଳା ଭାଙ୍ଗିବା ଠିକ୍ ନୁହେଁ । ଦଳରେ ବାହାରେ ଥିଲେ





କହିଥିଲେ କିଛି ସମସ୍ୟା ନାହିଁ । କିନ୍ତୁ ଦଳ ଭିତରେ ରହି ଏଭଳି କହିବା ଠିକ୍ ନୁହେଁ । ବାହାରେ ନ କହି ସଭାପତିଙ୍କ ସହ ଆଲୋଚନା କରିବା ଉଚିତ । କାର୍ଯ୍ୟାନୁଷ୍ଠନ ସପକ୍ଷରେ ମୁଁ ନାହିଁ । ଛୋଟ ଛୋଟ ଘଟଣାରେ ବୁଝା ସୁଝା କରି ସମାଧାନ କରିବା ଭଲ ।

▶▶ପୃଷ୍ଠା ୭

## ୨୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୩/୯ (ନି.ପ୍ର): ପୁଣି ୨୭ ତାରିଖରେ ଓଡିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ । ବ୍ରହ୍ମପୁରରେ ଆୟୋଜିତ ଯୁବସମାବେଶରେ ଯୋଗଦେବେ ନରେନ୍ଦ୍ର ମୋଦୀ । ତେଣୁ ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ ଏହି ମାସରେ ବହୁତ କିଛି ହୋଇପାରେ ବୋଲି ସଙ୍କେତ ଦେଇଛନ୍ତି ବିଜେପି ରାଜ୍ୟ ପ୍ରଭାରୀ । ପୁଣି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ୨୭ ତାରିଖରେ ଏକ ଜନସମାବେଶରେ ସାମିଲ ହେବେ। ୧୭ ତାରିଖରେ ମୋଦିଙ୍କ ଜନ୍ମଦିନଠାରୁ ଆରମ୍ଭ କରି ୨ ତାରିଖ ଗାନ୍ଧି ଜୟନ୍ତୀ ଯାଏଁ ସେବାପକ୍ଷ ପାଳନ ହେବ । ସେ ବ୍ରହ୍ମପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ । ଖୁବଶୀଘ୍ର ଏ ନେଇ କାର୍ଯ୍ୟକ୍ରମ ସ୍ଥିର ହେବ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ କିଛି ବଡ଼ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ୧୫ ମାସର ସରକାରରେ ପ୍ରଧାନମନ୍ତ୍ରୀ ୬ ଥର ଓଡିଶା ଆସିସାରିଛନ୍ତି । ୨୦୨୪ ଜୁନ ୧୨ ସରକାରର ଶପଥ ଗ୍ରହଣ, ସେପଟ୍ଟେମ୍ବର ୧୭ ସୁଭଦ୍ର ଯୋଜନା, ନଭେମ୍ବର ୨୯ ଆଇଜି-ଡିଜି ସମ୍ମିଳନୀ, ୨୦୨୫ରେ ଜାନୁଆରୀ ୯ ପ୍ରବାସୀ ଭାରତୀୟ ସମ୍ମିଳନୀ, ଜାନୁଆରୀ ୨୮ ଉତ୍କର୍ଷ ଓଡିଶା ଓ ଜୁନ ୨୦ ସରକାରର ବର୍ଷପୂର୍ତ୍ତିରେ ପ୍ରଧାନମନ୍ତ୍ରୀ ଓଡିଶା ଆସିସାରିଛନ୍ତି । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ପ୍ରଧାନମନ୍ତ୍ରୀଙ୍କ ଏହା ସପ୍ତମ ଗସ୍ତ ହେବ । ସେପଟେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସରକାର ଓ ସଙ୍ଗଠନରେ କିଛି ବଡ ନିଷ୍ପତ୍ତି ହୋଇପାରେ ବୋଲି ସଙ୍କେତ ଦେଇଛନ୍ତି ବିଜେପି ଓଡିଶା ପ୍ରଭାରୀ ବିଜୟପାଲ ସିଂ ତୋମାର । ରାଜ୍ୟ ବିଜେପି ସଙ୍ଗଠନର ପୁର୍ନବିନ୍ୟାସ, ବୋର୍ଡ ନିଗମ ଗଠନ, ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ନେଇ ଚର୍ଚ୍ଚା ହେଉଥିବାବେଳେ ପ୍ରଭାରୀଙ୍କ ବୟାନ ଅନେକ ଗୁରୁତ୍ୱ ରଖୁଛି ।

## ଦିଲ୍ଲୀର ତାଜ ପ୍ୟାଲେସ ହୋଟେଲକୁ ବମ୍ ଦ୍ୱାରା ଉଡ଼ାଇବାକୁ ଧମକ

ନୂଆଦିଲ୍ଲୀ, ୧୩/୯ (ନି.ପ୍ର): ଦିଲ୍ଲୀର ତାଜ ପ୍ୟାଲେସ ହୋଟେଲ୍କୁ ବମ୍ ଦ୍ୱାରା ଉଡ଼ାଇବାକୁ ଧମକଭରା ଏକ ଇ-ମେଲ୍ ମିଳିଛି। ଏହାପରେ ପୋଲିସ୍ ହୋଟେଲ ପରିସରରେ ବ୍ୟାପକ ତଲାଶୀ ଅଭିଯାନ ଆରମ୍ଭ କରିଛି। ତେବେ ଗଭୀର ଯାଂଚ ଅଭିଯାନ ପରେ ଏହି ଖବର ମିଛ ବୋଲି ଜଣାପଡ଼ିଛି। ଅଭିଯାନ ସମୟରେ ହୋଟେଲରେ ରହିଥିବା ଅତିଥି ଏବଂ ଷ୍ଟାଫ୍ଙ୍କୁ କିଛି ଘଂଟା ପାଇଁ ଅସୁବିଧା ହୋଇଥିଲା।

## ନୂଆପଡ଼ା ଉପ-ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ: ବିଜୟ ପାଇଁ ଆରମ୍ଭ ହେଲାଣି ଅଙ୍କକଷା

ଭୁବନେଶ୍ୱର, ୧୩/୯ (ନି.ପ୍ର): ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉପନିର୍ବାଚନ ହେବ। ଏଥି ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁସାରେ ନୂଆପଡ଼ା ଆସନରେ ଉପନିର୍ବାଚନ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧୀକାରୀ (ସିଇଓ)ଙ୍କ ପକ୍ଷରୁ ଆରମ୍ଭ ହୋଇଥିବା




ପ୍ରସ୍ତୁତିରେ କୁହାଯାଇଛି ଯେ, ଚଳିତ ସେପଟ୍ଟେମ୍ବର ୧୫ ସୁଦ୍ଧା ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଭୋଟରମାନେ ୧୫ ତାରିଖ ସୁଦ୍ଧା ଦାବି ଓ ଆପତ୍ତି କରିପାରିବେ। ସେହିପରି ଆସନ୍ତା ଅକ୍ଟୋବର ୯ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ନୂଆପଡ଼ାରେ ଉପନିର୍ବାଚନ ପାଇଁ ରାଜନୈତିକ ଦଳମାନେ ସକ୍ରିୟ ହୋଇଯାଇଛନ୍ତି। ଏଠାରେ ଗତ ସାଧାରଣ ନିର୍ବାଚନ-୨୦୨୪ରେ ବିଜେଡି ବିଜୟ ହାସଲ କରିଥିଲା। ତେଣୁ ବିଜୟ ଧାରା ଜାରି ରଖିବାକୁ ବିଜେଡି ଉଦ୍ୟମ କରିବ। ସେହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦ୍ୱିତୀୟ

▶▶ପୃଷ୍ଠା ୭

## ସୁଶୀଳା କାର୍କିଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ,୧୩/୯ : ନେପାଳରେ ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି ସୁଶୀଳା କାର୍କି । ନେପାଳରେ ଗତ କିଛି ଦିନ ଧରି ଚାଲିଥିବା ବିରୋଧ ପ୍ରଦର୍ଶନ ପରେ, ନୂତନ ସରକାର ଶେଷରେ ତାଙ୍କ କାର୍ଯ୍ୟକାଳ ସମ୍ଭାଳିଛନ୍ତି । ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କିଙ୍କୁ ନେପାଳରେ ଅନ୍ତରୀଣ ପ୍ରଧାନମନ୍ତ୍ରୀ କରାଯାଇଛି । ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ମଧ୍ୟ । ସୁଶୀଳା କାର୍କିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ନାରୀ ସଶକ୍ତିକରଣ ଉଦାହରଣ ଦେଇ କାର୍କିଙ୍କ ନେତୃତ୍ୱ ଉପରେ ଭରସା ପ୍ରକାଶ କରିଛନ୍ତି । ଏଥିସହ ପଡୋଶୀ ଦେଶର ସୁରକ୍ଷା, ସ୍ଥାୟିତ୍ୱ ଓ ସମୃଦ୍ଧିକୁ ସଠିକ ଦିଗରେ ଅନ୍ତରୀଣ ସରକାର ଆଗେଇ ନେବେ ବୋଲି ଆଶାବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ।

## ବିହାର ମହାଗଠବନ୍ଧନରେ କିଭଳି ହେବ ଆସନ ବୁଝାମଣା

ନୂଆଦିଲ୍ଲୀ,୧୩/୯ : ଆଗକୁ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ମହାଗଠବନ୍ଧନର ଆସନ ବୁଝାମଣା ଧିରେ ଧିରେ ଅଡୁଆ ଆଡ଼କୁ ଗତି କରୁଛି । ଯାହାକୁ ନେଇ ଆରଜେଡି ନେତା ତଥା ବିହାର ବିଧାନସଭାର ବିରୋଧୀଦଳ ନେତା ତେଜସ୍ୱୀ ଯାଦବଙ୍କ ଟେନସନ୍ ବଢ଼ିବାରେ ଲାଗିଛି । ବିକାଶଶୀଳ ଇନସାନ ପାର୍ଟି, ପଶୁପତି ପାରସଙ୍କ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମହାଗଠବନ୍ଧନରେ ଯୋଡ଼ି ହେବା ପରେ ଆସନ ବୁଝାମଣା ଅଡୁଆ ଆଡ଼କୁ ଗତି କରୁଛି । ଏବେ ବିହାର ମହାମେଣ୍ଟରେ ମୋଟ ୮ ଟି ଦଳ ସାମିଲ ହୋଇଛନ୍ତି । ଆରଜେଡି,



କଂଗ୍ରେସ, ସିପିଆଇ (ଏମଏଲ), ସିପିଆଇ, ସିପିଆଇ (ଏମ), ଭିଆଇପି, ଜେଏମଏମ୍ ସାମିଲ ହୋଇଛନ୍ତି । ଏହି କାରଣରୁ ସମସ୍ତଙ୍କୁ ଆସନ ବୁଝାମଣାରେ ସନ୍ତୁଷ୍ଟ କରିବା ସହଜ କଥା ନୁହେଁ । ଗୋଟିଏ ପଟେ ରାହୁଲ ଗାନ୍ଧୀଙ୍କ ସକ୍ରିୟତାକୁ ନେଇ ଆରଜେଡି ମଜବୁତ ହୋଇଛି ତେଣୁ କଂଗ୍ରେସ ଗତ ନିର୍ବାଚନ ଭଳି ୭୦ ଆସନରେ ଲଢ଼ିବାକୁ ଦାବି କରୁଛି। କହିରଖୁ କି ବିହାରରେ ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରାର ସଫଳତାକୁ ନେଇ ବିହାର କଂଗ୍ରେସ ବେଶ୍ ଉତ୍ସାହିତ ରହିଛି । ଏଥିର ଦଳ ସର୍ବନିମ୍ନ ୭୦ ଆସନରେ ଲଢ଼ିବାକୁ ଦାବି କରୁଛି।

▶▶ପୃଷ୍ଠା ୭

## ଚୀନ ଉପରେ ୧୦୦% ଟାରିଫ ଲଗେଇବି : ଟ୍ରମ୍ପ

ନୂଆଦିଲ୍ଲୀ,୧୩/୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଟାରିଫ ଧମକ ଦେଇଛନ୍ତି । ଏଥର ସେ ଚୀନ ଉପରେ ୫୦ ପ୍ରତିଶତ ରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି ଓ କହିଛନ୍ତି ଯେ ଏହା କେବଳ ଆମେରିକାକୁ ଆର୍ଥିକ ଭାବରେ ସାହାଯ୍ୟ କରିବ ନାହିଁ ବରଂ ଏହି ପଦକ୍ଷେପ ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବାରେ ମଧ୍ୟ ପ୍ରଭାବଶାଳୀ ପ୍ରମାଣିତ ହେବ। ଏହା ପୂର୍ବରୁ ସେ ଭାରତ ଉପରେ ୫୦ ପ୍ରତିଶତ ଟାରିଫ ଲଗାଇସାରିଛନ୍ତି । ସେ ରୁଷ-ୟୁକ୍ରେନ ସଂଘର୍ଷକୁ 'ଜୋ ବାଇଡେନ ଏବଂ ଜେଲେନସ୍କିଙ୍କ ମଧ୍ୟରେ ଯୁଦ୍ଧ' ଭାବରେ ବର୍ଣ୍ଣନା କରି ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯଦି ସେ ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ଏହି ଯୁଦ୍ଧ କେବେ ବି ଆରମ୍ଭ



ହୋଇନଥାନ୍ତା। ସେ ରୁଷ-ୟୁକ୍ରେନ ସଂଘର୍ଷକୁ 'ଜୋ ବାଇଡେନ ଏବଂ ଜେଲେନସ୍କିଙ୍କ ମଧ୍ୟରେ ଯୁଦ୍ଧ' ଭାବରେ ବର୍ଣ୍ଣନା କରି ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯଦି ସେ ରାଷ୍ଟ୍ରପତି ହୋଇଥାନ୍ତେ, ତେବେ ଏହି ଯୁଦ୍ଧ କେବେ ବି ଆରମ୍ଭ ହୋଇନଥାନ୍ତା। ଟ୍ରମ୍ପ ନାଟୋ ଦେଶଗୁଡ଼ିକର ରଣନୀତି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ବିଜୟ ପାଇଁ ସେମାନଙ୍କର ପ୍ରତିବଦ୍ଧତା '୧୦୦% ରୁ ବହୁତ କମ୍ ରହିଛି' ହୋଇଛି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ସେ ରୁଷ ଉପରେ କଠୋର ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତୁତ। କିନ୍ତୁ ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ସମସ୍ତ ନାଟୋ ଦେଶ ଏକାଠି ଏହି ପଦକ୍ଷେପରେ ସହମତ ହେବେ ଏବଂ ରୁଷରୁ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦେବେ।

# ସେଲ ଆରଏସପିରେ ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ଆୟୋଜିତ

ରାଉରକେଲା, ୧୩/୯ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତିକରଣ କର୍ମଶାଳା 'ରୋଶନି' ସିପିଟିଆଇ ଠାରେ ସେପଟ୍ଟେମ୍ବର ୧୦ ତାରିଖରେ ଆୟୋଜିତ ହୋଇଥିଲା। ଉକ୍ତ କର୍ମଶାଳାର ଉଦଘାଟନୀ ଅଧିବେଶନରେ ଇଣ୍ଟେର୍ଣ୍ଣଲ ଅଡିଟ ବିଭାଗର ସିଜିଏମ ଡକ୍ଟର ଜି ଏସ ଦାସ ମୁଖ୍ୟ ଅତିଥି ଏବଂ ସିଇଡ଼ି ବିଭାଗର ଜିଏମ ଶ୍ରୀ ଏସ ଆର ପତି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ୨୦୨୫ ସେପଟ୍ଟେମ୍ବର ମାସରେ ଅବସର ଗ୍ରହଣ କରୁଥିବା ଓଡିଶା ଖଣି ସମୂହ ସମେତ ଆରଏସପିର ଅବସର ଗ୍ରହଣ କରୁ ୨୨ ଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଅବସର ପରବର୍ତ୍ତୀ ଜୀବନକୁ ସୂଚାରୁ ପ୍ରବେଶ ବିଷୟରେ ବିଭିନ୍ନ ବିଷୟ ଆଲୋଚିତ ହୋଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଆସିଷ୍ଟାଣ୍ଟ ସିଏମଓ ଡାକ୍ତର ସିଭଲକର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟାବଳୀ ଏବଂ ସୁସ୍ଥ ଅବସର



ପରବର୍ତ୍ତୀ ଜୀବନ ପାଇଁ ରଣନୀତି ଉପରେ ଆଲୋଚନା କରିଥିଲେ।

ସି ଆଣ୍ଡ ଆଇଟି ବିଭାଗର ଡ଼ିଜିଏମ ଶ୍ରୀ ଏସ କେ ଗୌତମ ଡିଜିଟାଲ ଯୁଗରେ ଇଣ୍ଟେରନେଟର ମହତ୍ତ୍ୱ ଏବଂ ସାଇବର ବିପଦ ଓ ସୁରକ୍ଷା ଉପରେ ତଥ୍ୟ ପ୍ରଦାନ କରିଥିଲେ ।

ବିତ୍ତ ଓ ଲେଖା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଡ଼ି କେ ଦାସ ଅବସର ପରବର୍ତ୍ତୀ ଜୀବନରେ ଆର୍ଥିକ ସନ୍ତୁଳତା ପାଇଁ ଫଳପ୍ରଦ ଆର୍ଥିକ ପରିଚାଳନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ବିତ୍ତ ଓ ଲେଖା ବିଭାଗର ଏଜିଏମ ଶ୍ରୀ ପପୁ କୁମାର ଅବସର ପରବର୍ତ୍ତୀ ସୂଚାରୁ ଆର୍ଥିକ ସେଟେଲମେଣ୍ଟ ଉପରେ ତଥ୍ୟ ରଖିଥିଲେ।

ସିପି-୨ ବିଭାଗର ଏଜିଏମ ଶ୍ରୀ ବାବୁଲା ନାହକ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ସକ୍ରିୟ ଜୀବନ ଧାରଣ ପାଇଁ ସକାରାତ୍ମକ ମନୋଭାବ ପ୍ରବନ୍ଧନ ଉପରେ ଅଧିବେଶନ ନେଇଥିଲେ। କ୍ୱାର୍ଟର ଖାଲି କରିବା ତଥା ବଜାୟ ରଖିବା ସମ୍ବନ୍ଧୀୟ କମ୍ପାନୀ ନିୟମାବଳୀ ଉପରେ ସହର ସେବା ବିଭାଗର ଡେପୁଟି ମ୍ୟାନେଜର ଭରତ ମହାନ୍ତ ଆଲୋଚନା କରିଥିଲେ। ଏଚଆର ଇଆର ଏଣ୍ଡ ସି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଜ୍ୟୋତି ଓରେୟା ସେଲ ମେଡିକ୍ଲେମ ଯୋଜନା ବିଷୟରେ ତଥ୍ୟ ରଖିଥିଲେ।

ପ୍ରାରମ୍ଭରେ ଏଚଆର ଇସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ଏସ ପି ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୁଶ୍ରୀ ଜ୍ୟୋତି ଓରେୟା, ଶ୍ରମ ନିରିକ୍ଷକ ଶ୍ରୀ କେ କେ ପରିଡା ଏବଂ ଏଚଆର ଇଆର ଏଣ୍ଡ ସି ବିଭାଗୀୟ ଦଳ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ଉଲ୍ଲେଖନୀୟ ଯେ, ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କୁ ଅବସରକୁ ସକାରାତ୍ମକ, ଉତ୍ସାହ ଓ ସଂପୂର୍ଣ୍ଣ ପ୍ରସ୍ତୁତି ସହକାରେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରୋଶନୀ କର୍ମଶାଳା ଆୟୋଜିତ ହେଉଛି।

# ବୈଶିଙ୍ଗା ବ୍ଲକ ଗଠନକୁ ନେଇ ଦାବି ଜୋର ଧରିଲା: ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବେତନଟୀ, ୧୩/୯(ନି.ପ୍ର) ବୈଶିଙ୍ଗା ବ୍ଲକ ଗଠନ ହେବା ନିମନ୍ତେ ଦାବି ଜୋର ଧରିଥିବା ବେଳେ ବୈଶିଙ୍ଗା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଅଛି । ମୟୂରଭଞ୍ଜ ଜିଲ୍ଲାରେ ବେତନଟୀ ବ୍ଲକ ଏକ ବୃହତ ବ୍ଲକ ହୋଇଥିବା ବେଳେ ଏହାର ପଞ୍ଚାୟତ ସଂଖ୍ୟା ୨୪ ଅଟେ । ଏତେ ବଡ ବ୍ଲକ ହୋଇଥିବା କାରଣରୁ ବିଭିନ୍ନ ପଞ୍ଚାୟତ ପାଇଁ ଜନସାଧାରଣ ସରକାରୀ ସୁବିଧାସୁଯୋଗ ସଠିକ ଭାବରେ ପାଇପାରୁନାହାନ୍ତି । ତତସହିତ ବିକାଶ କାର୍ଯ୍ୟ ମଧ୍ୟ ବିଳମ୍ବିତ ହେଉଛି ।ବେତନଟୀ ବ୍ଲକ ଏହାର ଗୋଟିଏ ପାର୍ଶ୍ୱରେ ଅବସ୍ଥିତ ଥିବାରୁ ପ୍ରଶାସନିକ ସେବା ସୁଚାରୁରୂପେ ଚାଲିବାର ବ୍ୟାହତ ହେଉଥିବାର ଦୈନନ୍ଦିନ ପରିଲକ୍ଷିତ କରାଯାଉଅଛି । ବେତନଟୀ ବ୍ଲକର ୨୪ ଗୋଟି ପଞ୍ଚାୟତ ମଧ୍ୟରୁ ବୈଶିଙ୍ଗା ଠାରେ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ୧୯୨୫ ମସିହାରେ ପ୍ରତିଷ୍ଠା ହୋଇଥିବା ବୈଶିଙ୍ଗା ଥାନାରେ ୧୮ ଗୋଟି ପଞ୍ଚାୟତ ଆସୁଥିବା ବେଳେ ବଡ଼ସାହି ବ୍ଲକର ମଧ୍ୟ ୩ ଗୋଟି ପଞ୍ଚାୟତ ଏହି ଥାନା ଅଧୀନରେ ଆସୁଅଛି । କଳମା , ଗଡଦେଉଳିଆ , ରଘପୁର , ଆମ୍ବଗଡ଼ିଆ ଭଳି ପଞ୍ଚାୟତ ବେତନଟୀ ବ୍ଲକକୁ ପହଞ୍ଚିବା ପାଇଁ ପ୍ରାୟ ୨୦ କି.ମିରୁ ଅଧିକ ରାସ୍ତା ଅତିକ୍ରାନ୍ତ କରିବାକୁ ପଡିଥାଏ ।ମାତ୍ର ଯଦି ବୈଶିଙ୍ଗା ବ୍ଲକ ଗଠନ ହେଲେ ଏହି ସମସ୍ତ ପଞ୍ଚାୟତ ସମେତ ଅନ୍ୟ ୧୦ଟି ପଞ୍ଚାୟତ ପ୍ରତ୍ୟେକ୍ଷ ଭାବେ ଲାଭପ୍ରଦ ହୋଇପାରିବେ । ବୈଶିଙ୍ଗା ଥାନା ଅଧୀନ ପାଖାପାଖି ୧୪ ପଞ୍ଚାୟତର ଅଧିବାସୀ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ବେତନଟୀ କୁ ଯିବା ପାଇଁ ସମୟ, ଅର୍ଥ ଓ ଅଧିକ ପରିଶ୍ରମ ଲୋକଙ୍କୁ ବିନିଯୋଗ କରିବାକୁ ହେଉଅଛି। ଏତଦ୍ ?ବ୍ୟତୀତ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଅତ୍ୟନ୍ତ କଷ୍ଟଦାୟକ ଏବଂ ଦୁଃଖଦାୟକ ହୋଇଥାଏ । କୌଣସି କାରଣରୁ ବ୍ଲକ୍ ପ୍ରଶାସନ ସହିତ ଯୋଗାଯୋଗ ହୋଇନପାରିଲେ ପୁନଃର୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଆସିବାକୁ ପଡ଼େ ।ଭୌଗଳିକ ସ୍ଥିତି ଦୃଷ୍ଟିକୋଣରୁ ବୈଶିଙ୍ଗା ଠାରେ ନୂତନ ବ୍ଲକ ଗଠନ ହେବା ଜରୁରୀ ଅଟେ । ବିଗତ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅଞ୍ଚଳବାସୀ ଏହି ଦାବୀ କରିଆସୁଛନ୍ତି । ବୈଶିଙ୍ଗା ବଜାର ଉପରେ ବେତନଟୀ ବ୍ଲକ ଅଧୀନରେ ଥିବା ୧୮ ଗୋଟି ପଞ୍ଚାୟତର ଜନସାଧାରଣ ବଡ଼ସାହି ବ୍ଲକ ଅଧୀନରେ ଥିବା ୩ ଗୋଟି ପଞ୍ଚାୟତର ଜନସାଧାରଣ ଏବଂ ପଡୋଶୀ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଛନ୍ତି । ମୟୂରଭଞ୍ଜ ମହାରାଜା ବୈଶିଙ୍ଗା ଉପରେ ନିର୍ଭର କରୁଥିବା ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ଏକ ଡାକ୍ତରଖାନା ସ୍ଥାପିତ କରିଥିଲେ । ଯାହାକି ଆଉ ଅଳ୍ପଦିନ ମଧ୍ୟରେ ୧୦୦ ବର୍ଷ ପୂର୍ତ୍ତୀ ହେବାକୁ ଯାଉଅଛି । ଗମନାଗମନ କ୍ଷେତ୍ରକୁ ଦୃଷ୍ଟିକୁ ନେଲେ ବୈଶିଙ୍ଗା ବଜାର ଦେଇ ୧୮ ନଂ ଜାତୀୟ ରାଜପଥ ଯାଇଅଛି । ରୂପସା-ଉଦଳା- ଠାକୁରମୁଣ୍ଡା ଗଉଜ-୭୦ ରାସ୍ତାର ବୈଶିଙ୍ଗା ଏହାର ଜଙ୍କସନ ଅଟେ । ରାଜପଥ- ୧୮ ପାର୍ଶ୍ୱରେ ଥିବା ବୈଶିଙ୍ଗା ବସଷ୍ଟାଣ୍ଡ ଉପରେ ସମସ୍ତ ପଞ୍ଚାୟତବାସୀ ନିର୍ଭରଶୀଳ ରହି ବସ ଯୋଗ୍ୟ ରାଜ୍ୟ ତଥା ରାଜ୍ୟ ବାହାରକୁ ସୁରୁଖୁରୁରେ ଯାତାୟତ କରିପାରୁଛନ୍ତି । ବୈଶିଙ୍ଗା ଅଞ୍ଚଳର ସମସ୍ତ ଜନସାଧାରଣ ସ୍ଥାନୀୟ ରେଳ ଷ୍ଟେସନ ଜୁଗୁପୁରା , ମଛପଦା ଏବଂ ଠାକୁରତୋଟା ଉପରେ ମଧ ନିର୍ଭର କରିଥାଆନ୍ତି। ଏପରିକି ବୈଶିଙ୍ଗା ଠାରୁ ବାଲେଶ୍ୱର ରେଳଷ୍ଟେସନ ମାତ୍ର ୨୦ କି.ମି.ଦୂରରେ ଥିବା ବେଳେ ରୂପସା ରେଳ ଜଙ୍କସନ ମାତ୍ର ୧୧ କି.ମି. ଦୂରରେ ଅବସ୍ଥିତ । ଏଠାରେ ବହୁ ପୁରାତନ ବିହନ ଗବେଷଣା କେନ୍ଦ୍ର ଅବସ୍ଥିତ ଅଛି । ଯାହାକି ବିଭିନ୍ନ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଚାଷୀ ମାନଙ୍କର ଏହା ହିଁ କେବଳ ଗୋଟିଏ କେନ୍ଦ୍ର ଅଟେ । ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ଧାନ କିଣା କେନ୍ଦ୍ର ଏହି ବୈଶିଙ୍ଗା ଠାରେ ଅବସ୍ଥିତ। ବୈଶିଙ୍ଗା ଠାରେ ବେତନଟୀ ବ୍ଲକ ସ୍ତରୀୟ ମୁଖ୍ୟ ପଶୁ ଡାକ୍ତରଖାନା ଅବସ୍ଥିତ ଅଛି । ସେହିପରି ବୈଶିଙ୍ଗା ଠାରେ ବେତନଟୀ ବ୍ଲକ ମୁଖ୍ୟ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଅବସ୍ଥିତ । ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ଅଧୀନରେ ୨୦୦୯ ମସିହା ପର୍ଯ୍ୟନ୍ତ ବିଭିନ୍ନ ବିଧାୟକ ନିର୍ବାଚିତ ହୋଇ ଶାସନ ଭାର ଗ୍ରହଣ କରିଥିଲେ। ୨୦୦୯ ମସିହା ପର୍ଯ୍ୟନ୍ତ ବଡସାହି ନିର୍ବାଚନ ମଣ୍ଡଳୀ ପରିବର୍ତ୍ତେ ଏହା ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ନାମରେ ନାମିତ ଥିଲା । ବୈଶିଙ୍ଗା ବ୍ଲକ ଗଠନ ହେବା ପାଇଁ ଏକ ଉପଯୁକ୍ତ ସ୍ଥାନ ଅଟେ । ବଡ଼ସାହି ବ୍ଲକ ଠାରେ ଆୟୋଜିତ ହୋଇଥିବା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସ୍ୱତନ୍ତ୍ର ଶୁଣାଣୀ ଶିବିରରେ ବୈଶିଙ୍ଗା ଆଞ୍ଚଳିକ ବିକାଶ ପରିଷଦର ଆବାହକ ବିବେକାନନ୍ଦ ପଣ୍ଡାଙ୍କ ସମେତ ଏକ କମିଟି ଜିଲ୍ଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଅଛି । ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ଶୁଭ୍ରାନ୍ତ ତିଆଡି , ବୃନ୍ଦାବନ ଦାସ , ରାଜୀବ ରଞ୍ଜନ ସେନାପତି ,ବ୍ରଜମୋହନ ବେହେରା , ଅରବିନ୍ଦ ସାହୁ , ନିଶିଥ ରାଉତ , ଶାନ୍ତନୁ ଦଳେଇ, ଦୀପକ କୁମାର ସିଂହ, ସତ୍ୟପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା ରଥର ଶୁଭାରମ୍ଭ

ଭବାନୀପାଟଣା, ୧୩/୯ (ନି.ପ୍ର): ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କଳାହାଣ୍ଡି ତରଫରୁ ବଜ୍ରପାତରୁ ସୁରକ୍ଷା ନିମନ୍ତେ ଏକ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ଜିଲ୍ଲାର ୧୩ ଗୋଟି ବ୍ଲକ ଓ ୪ ଗୋଟି ୟୁ.ଏଲ୍.ବି. ଅଂଚଳ ପରିକ୍ରମା କରି ବଜ୍ରପାତ ସମୟରେ ଲୋକେ କିପରି ସଚେତନ ହୋଇ ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରସାର ପ୍ରଚାର କରିବ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ମନୀଷା ଗୁପ୍ତା, ଡେପୁଟି କଲେକ୍ଟର ଅଭିଷେକ ବଗର୍ତୀ, ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ସଦର ବିଧାୟକ ମାନସ ଦତ୍ତଙ୍କ ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଂଘ ବିଶ୍ରାମାଗାର ଓ ପାଠାଗାର ପରିଦର୍ଶନ ଓ ଆଲୋଚନା

ବାଲେଶ୍ୱର, ୧୩/୯ (ନି.ପ୍ର): ରାଜ୍ୟ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିବା ଅବସରରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ ଉପସ୍ଥିତ ହୋଇ ପେନ୍‌ସନ୍‌ର୍ସ ବିଶ୍ରାମାଗାର ଓ ପାଠାଗାର ପରିସର ଦେଖିବା ସଙ୍ଗେସଙ୍ଗେ କର୍ମକର୍ତ୍ତା ଏବଂ ସଭ୍ୟସଭ୍ୟାଙ୍କ ସହିତ ମତ ବିନିମୟ କରିଥିଲେ ଓ ବିଶ୍ରାମାଗାରର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବରିଷ୍ଠମାନେ ସମାଜ ପାଇଁ ସମ୍ମାନାସ୍ପଦ ବ୍ୟକ୍ତି ବୋଲି କହିଥିଲେ। ସଭାପତି ଇଂ. ବନମାଳୀ ନାୟକ ଶ୍ରୀ ଦତ୍ତଙ୍କୁ ପୁଷ୍ପଗୁଚ୍ଛ, ଉପାୟନ ଦେଇ ସ୍ୱାଗତ କରିଥିଲେ। ଉପାଧ୍ୟକ୍ଷ ସୁଦର୍ଶନ ଦାସ ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟା




ସହିତ ଚିକିତ୍ସା ଭତ୍ତା ଓ ଚିକିତ୍ସା କ୍ଷେତ୍ରରେ ସୁବିଧା ସୁଯୋଗ ଦେବାପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ବିଧାୟକଙ୍କ ସହିତ ଆଲୋଚନାରେ ସଂଘର କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ, ଉପାଧ୍ୟକ୍ଷା ବାସନ୍ତୀ ପାତ୍ର, ସଂଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଅର୍ଥ ସମ୍ପାଦକ ଯୁଧିଷ୍ଠିର ନନ୍ଦ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁ. ମହାନ୍ତି, ପୂର୍ବତନ ସମ୍ପାଦକ ବସନ୍ତ ନାୟକ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ନାୟକ, ରୀତା ରାୟ, ଜ୍ଞାନେନ୍ଦ୍ରନାଥ ସାହୁ, ସଞ୍ଜୟ କୁମାର ପଣ୍ଡା (ଖ), ରବିନାରାୟଣ ବେହେରା, ନରେଶ ଚନ୍ଦ୍ର ଦାଶ, ଦୀପ୍ତିଲତା ଦାସ, ଭବେଶ ଚନ୍ଦ୍ର ପଣ୍ଡା, ପ୍ରଭାତୀ ସେଠୀ, ସୁରେନ୍ଦ୍ର ପ୍ରସାଦ ନାୟକ, ସତ୍ୟନାରାୟଣ ନାୟକ, ପ୍ରଣିତା ମିଶ୍ର, ନିଆସି ଜେନା, ଦିଲ୍ଲୀପ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ। ବସ୍ତା ଶାଖାର ସଭାପତି ଶିଶିର କୁମାର ରଥ, ସମ୍ପାଦକ କୁମୁଦ ରଞ୍ଜନ ଗିରି, ଉତ୍ତର ରେମୁଣା ସଭାପତି ଯୋଗେନ୍ଦ୍ର ନାଥ ସିଂ ଉପସ୍ଥିତ ରହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ସଭା ପରିଚାଳନାରେ ଗୌରପ୍ରିୟ ମିଶ୍ର, ଗୋପବନ୍ଧୁ ଦାସ, ପ୍ରଦ୍ୟୁତ ମଣ୍ଡଳ, କେଶବ ମହାନ୍ତି, ଡ. କ୍ଷିତୀଶ୍ୱର ଦାଶ, ପଦ୍ମଲୋଚନ ଦତ୍ତ, ଶ୍ରୀରାମ ଦାସ, ସତ୍ୟଭାମା ମୁଦୁଲି, ହିମାଂଶୁ ଦାସ, ଶଚୀନ୍ଦ୍ର ଦାସ, କମଳାକାନ୍ତ ନାୟକ, ଲକ୍ଷ୍ମଣ ବିଶ୍ୱାଳ, ଅବନୀ ପ୍ରଧାନ, ଅନୁପ ଆଚାର୍ଯ୍ୟ, ଗିରିଜା କୁମାର ଦାସ, ଶେଖ୍ ଆଲ୍ଲାଉଦ୍ଦିନ୍ ପ୍ରମୁଖ ସହଯୋଗ କରିଥିଲେ।

# ଜଳେଶ୍ୱର ପୌରପାଳିକାରେ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟବହୃତ ଇଟା ତିନି ବର୍ଷ ପୂର୍ବରୁ କାହିଁକି ମାନ ଯାଞ୍ଚ କରାଗଲା ନାହିଁ : ସାଧାରଣରେ ଚର୍ଚ୍ଚା

ଜଳେଶ୍ୱର , ୧୩/୯ (ନି.ପ୍ର): ଜଳେଶ୍ୱର ପୌରପାଳିକା ଅଞ୍ଚଳରେ ବ୍ୟବହୃତ ବ୍ରିକ୍ସ ସାଇ ଇଟା ହଠାତ ନିମ୍ନ ମାନର ହେଲା କିପରି ଏହାରି ଭିତରେ ରହସ୍ୟ କଣ ଥାଇପାରେ ବୋଲି ସହର ଅଞ୍ଚଳରେ ଆଲୋଚ୍ୟ ବିଷୟ ପାଲଟିଛି, ଜଳେଶ୍ୱର ବ୍ରିକ୍ସ କାରଖାନାରେ ହୁଏତ ଇଟା ତିଆରି ବେଳେ ଭାଗ ମାପ ଠିକ୍ ହେଉନଥିବ, ଏହି ଇଟାକୁ ଲେବଟ୍ରରି ଟେଷ୍ଟ କରାଇଲେ ଏହାର ମାନ ଜଣାପଡ଼ିବ କିନ୍ତୁ ବହୁ ଆଗରୁ ହୋଇଥିବା ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ଇଟା ବାହାର କରାଯାଇ ସେ ଗୁଡ଼ିକୁ ମଧ ଲେବ୍ରଟ୍ରରି ପରୀକ୍ଷା କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଯେଉଁ ସାଇ ବ୍ରିକ୍ସ ଇଟା ଆଜିକୁ ଚାରି ବର୍ଷ ଧରି ଜଳେଶ୍ୱର ପୌରପାଳିକା ଅଧୀନରେ କାର୍ଯ୍ୟ ଠିକ୍ ଚାଲିଥିବାର ସମସ୍ତ କାଉନସିଲର ମାନଙ୍କର ଜ୍ଞାତରେ ଚାଲି ଆସୁଥିଲା ଏବେ ତାହା କିପରି ଅତି ନିମ୍ନ ମାନର ହୋଇଗଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଜଳେଶ୍ୱର ପୌରପାଳିକା ଅଞ୍ଚଳରେ କାର୍ଯ୍ୟ କରୁଥିବା କୌଣସି ଠିକାଦାର ଙ୍କୁ ନିର୍ଦ୍ଦିଷ୍ଟ ସାଇ ବ୍ରିକ୍ସ ଇଟା ବ୍ୟବହୃତ କରିବା ଏବଂ ଏହି ଇଟା ବ୍ୟବହାର ନ କଲେ ବିଲ୍ ବିଳମ୍ବ କରାଯିବାର ଲିଖିତ ଅଭିଯୋଗ ଆସିନଥିବା ସ୍ୱତେ କାହାର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ହାସଲ ନ ହେବାରୁ ଦୀର୍ଘ ଦିନ ଧରି ପାଟିରେ ତୁଣ୍ଡି ପଡ଼ିଥିବା ନେତା ଏବେ ଗର୍ଜନ କରୁଛନ୍ତି । କେବଳ ଜଳେଶ୍ୱର ପୌରପାଳିକାର ବିଲ୍ଡିଙ୍ଗ କାମ ନିମ୍ନ ମାନର ହେଉଛି ତା ନୁହଁ ଜଳେଶ୍ୱର ପୌରପାଳିକାର ୧୭ ଟି ୱାର୍ଡ଼ରେ ସଫେଇ ବାବଦରେ ମାସକୁ ପାଖା ପାଖି ୨୦ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଜଳେଶ୍ୱର ସହରର ମୁଖ୍ୟ ରାସ୍ତାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ୱାର୍ଡ଼ ଓ ଗଳି କନ୍ଦି ସଫେଇ ନ ହେବାରୁ ଡ୍ରେନ ସବୁ ଦୁର୍ଗନ୍ଧରେ ଫାଟି ପଡୁଛି। ମଶା, ମାଛି ଦାଉରୁ ରକ୍ଷା ପାଇବାର ନା ନେଉ ନାହିଁ ।ସେ ବାବଦରେ ଥରୁଟିଏ ହେଲେ କେହି ମୁହଁ ଖୋଲୁ ନାହାନ୍ତି ।କୌଣସି କାଉନସିଲର ଏବଂ ନେତା ମାନଙ୍କ ର ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ନ ହେବାରୁ ଚାଲିଛି ନାଟକବାଜି ।ପ୍ରକୃତରେ ଯଦି ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଏ ନ୍ୟାୟର ଲଢେଇ ଚାଲିଛି ତାହେଲେ ସମସ୍ତ କାର୍ଯ୍ୟର ସ୍ୱଚ୍ଛତା ଉପରେ ଦୃଷ୍ଟି ଦେଇ କାର୍ଯ୍ୟକରିବାର ମାନସିକତା ରହିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଦେଖିବାକୁ ବାକି ରହିଲା ପ୍ରକୃତରେ ବ୍ରିକ୍ସ ସାଇ ଇଟା କେତେ ନିମ୍ନ ମାନର ତଦନ୍ତ କଲେ ସତ୍ୟ ସାମ୍ନାକୁ ଆସିବ ।

## କେନ୍ଦ୍ରାପଡ଼ା କୋର୍ଟରେ ଅବସରପ୍ରାପ୍ତ ଜିଲ୍ଲାଜଜ୍‌ଙ୍କ ପାଇଁ ଶୋକସଭା

କେନ୍ଦ୍ରାପଡ଼ା, ୧୩/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ତରଫରୁ ପୂର୍ବତନ ଜିଲ୍ଲାଜଜ୍ ତଥା କେନ୍ଦ୍ରାପଡା ଓକିଲ ସଂଘର ସଦସ୍ୟ ନିରଞ୍ଜନ ନାୟକଙ୍କ ବିୟୋଗରେ ଏକ ଶୋକସଭା ସଂଘର ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ନାୟକ କେନ୍ଦ୍ରାପଡା ଓକିଲ ସଂଘର ସଭ୍ୟ ଥିଲେ। ତାଙ୍କ ବିୟୋଗରେ ଓକିଲ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ତାଙ୍କର ଆଦର୍ଶମୟ ଜିବନୀ ସଂପର୍କରେ ଆଲୋଚନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ନୃସିଂହ ଚରଣ ରାଉତ, ପୂର୍ବତନ ଓକିଲସଂଘର ସଭାପତି ଧ୍ରୁବଚରଣ ଜେନା, ଭୀମସେନ୍ ଭୂୟାଁଙ୍କ ସମେତ ଆଶୀଷ ସେନାପତି, ଯୁଧିଷ୍ଠିର ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଛଣଗିରି ସୁନା ଦୋକାନରୁ ଲୁଟ୍ ଘଟଣା, ୨ ଗିରଫ : ମୋଟ୍ ଗିରଫ ସଂଖ୍ୟା ୬

ଖୋର୍ଦ୍ଧା, ୧୩/୯ (ନି.ପ୍ର): ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ସ୍ଥିତ ସାଇ ସୋନୁ ସୁନା ଦୋକାନରୁ ଲୁଟ ଘଟଣାରେ ଶୁକ୍ରବାର ପୋଲିସକୁ ପୁଣି ଏକ ସଫଳତା ମିଳିଛି। ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧ କେଜି ୧୩ ଗ୍ରାମ ସୁନା, ୨୨୩୧ ଗ୍ରାମ ରୂପା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଣାସ ଥାନା ବାଗିପଡ଼ାର ମିଲୁ ଓରଫ ଅଜିତ ପାଇକରାୟ ଏବଂ କଟକ ପୁରୀଘାଟର ଡମ୍ବର ଓରଫ ପ୍ରଭାକର ଜେନା । ତେବେ ଉକ୍ତ ଲୁଟ ଘଟଣାରେ ଏବେ ୨ ଜଣଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୬ରେ ପହଂଚିଛି । ତେବେ ବର୍ତ୍ତମାନ ସୁଦ୍ଧା ୧୯୧୩ ଗ୍ରାମ ସୁନା, ୪୫୯୪ ଗ୍ରାମ ରୂପା ଜବତ କରାଯାଇଥିବା ଏସପି ବିବେକାନନ୍ଦ ଶର୍ମା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୪ ତାରିଖ ଅପରାହ୍ନ ପ୍ରାୟ ସାଢେ ୨ଟା ସମୟରେ ୮ ଜଣ ଦୁର୍ବୃତ୍ତ ସୁନା ଦୋକାନରେ ପହଂଚି ଭୁଜାଲି, ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଭୟଭିତ କରି ଦୋକାନରୁ ୧୧ କେଜି ୫ ଶହ ଗ୍ରାମ ସୁନାଗହଣା ଏବଂ ୫ କେଜି ରୂପା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ଯିବାବେଳେ ଅଭିଯୁକ୍ତମାନେ ଖସିକି ଯିବା ପାଇଁ ବୋମା ଏବଂ ଗୁଳି ଫୁଟାଇ ଆତଙ୍କ ସୃଷ୍ଟି କରି ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଏହି ଲୁଟ ଘଟଣାକୁ ନେଇ ଦୋକାନ ମାଲିକଙ୍କ ଅଭିଯୋଗକୁ ଭିତି କରି ଜଙ୍କିଆ ଥାନାରେ (କେସ ନଂ (୨୯୭/୨୫) ଏକ ମାମଲା ରୁଜୁ ହୋଇଥିଲା। ଲୁଟେରା ମାନଙ୍କୁ ଧରିବା ପାଇଁ ଏସପିଙ୍କ ତତ୍ତ୍ୱାବଧାନରେ ୩ଟି ଟିମ୍ ଖୋର୍ଦ୍ଧା ସମେତ ନୟାଗଡ, ପୁରୀ, ଗଞ୍ଜାମ, କଟକରେ ଚଢ଼ଉ କରି ପ୍ରଥମ ପର୍ଯ୍ୟାୟରେ ୪ ଜଣଙ୍କୁ ଗିରଫ କରିଥିଲା। ଶୁକ୍ରବାର ଆଉ ୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଫେରାର୍ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି ବୋଲି ଏସପି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଶ୍ରୀନିବାସ ମହାନ୍ତି, ଏସଡିପିଓ ଅନିଲ ମହାନ୍ତି, ଜଙ୍କିଆ ଥାନା ଅଧିକାରୀ ଶୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ଇନଷ୍ଟିଚ୍ୟୁଟ ଅଫ ହସପିଟାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ କଲେଜରେ ଫ୍ରେସର ଫିଏଷ୍ଟା ୨୦୨୫

ରେମୁଣା, ୧୩/୯ (ନି.ପ୍ର): ଜୀବନ ସଂଘର୍ଷ ପୂର୍ଣ, ଜୀବନରେ ଚ୍ୟାଲେଞ୍ଜ ବିନା ଲକ୍ଷ୍ୟ ପ୍ରାପ୍ତି ହୋଇ ନଥାଏ । ନିଜକୁ ସବୁକ୍ଷେତ୍ରରେ ୧ ନମ୍ବର କରି ରଖିବାକୁ ସବୁବେଳେ ଚେଷ୍ଟା କରିବା ଉଚିତ । କେଉଁ ପରିବାର, କେଉଁ ଗାଁ ବା ସହରରୁ ଆମେ ଆସିଛୁ ତାହା ବିଚାର ନକରି ସବୁବେଳେ ସଫଳତା ପାଇଁ ପ୍ରତିଦ୍ୱନ୍ଦିତା କରିବା ଉଚିତ ବୋଲି ରେମୁଣାସ୍ଥିତ ବାଲେଶ୍ୱର ଇନଷ୍ଟିଚ୍ୟୁଟ ଅଫ ହସପିଟାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ (ବିଆଇଏଚଏମଟି)ରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ 'ଫ୍ରେସର ଫିଏଷ୍ଟା-୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ 'ଓଡ଼ିଶା ଖବର'ର ସମ୍ପାଦକ ଅମୀୟ ରଞ୍ଜନ ମହାନ୍ତି ମତ ବ୍ୟକ୍ତ କରିଛନ୍ତି । ଅନୁଷ୍ଠାନର ନିର୍ଦ୍ଦେଶକ ତଥା ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ




ବକ୍ତାଭାବେ ରେଡିଆଣ୍ଟ ସ୍କୁଲ ଅଫ ଇଂଲିସ ଆଣ୍ଡ ଆଇଟି, ନର୍ଥ ଓଡ଼ିଶା ଜୋର୍ଣ୍ଣାଲ ମିଡିଆ କୋଡ଼ିନେଟର ସତ୍ୟଜିତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ନିଜ ନିଶ୍ୱାସ ଏବଂ ବିଶ୍ୱାସ ମଣିଷ ଜବନର ଦୁଇଟି ବଡ଼ କଥା । ଯେପରି ନିଶ୍ୱାସ ବିନା ଜୀବନ ବଞ୍ଚି ପାରେନାହିଁ, ସେହିପରି ବିଶ୍ୱାସ ବିନା ମଣିଷ ଆଗେଇ ପାରେନାହିଁ । ଛାତ୍ର ଜୀବନରେ ଆତ୍ମ ବିଶ୍ୱାସ ହେଉଛି ସବୁଠାରୁ ବଡ଼ । ବିଶ୍ୱାସ ବଳରେ ସବୁକିଛି ହାସଲ କରାଯାଇପାରେ ବୋଲି କହିଥିଲେ ଓ ଅନ୍ୟତମ ଅତିଥିଭାବେ 'ସମାଜ'ର ରେମୁଣା ପ୍ରତିନିଧି ସୁରେଶ ଦାସ ଯୋଗଦେଇ ଭାରତୀୟ ସଂସ୍କୃତିରେ ଆତିଥ୍ୟତାର ମହତ୍ତ୍ୱ ଏବଂ ଆତିଥ୍ୟତାର ଶିକ୍ଷା ସମ୍ପର୍କରେ ବୁଝାଇଥିଲେ । ମୁହଁରେ ହସ, ବ୍ୟବହାରରେ ନମ୍ରତା ଏବଂ ଆତ୍ମବିଶ୍ୱାସ ଦ୍ୱାରା ଜୀବନକୁ ସଫଳ କରାଯାଇପାରେ ମତ ବ୍ୟକ୍ତ କରିଥିଲେ । ଦକ୍ଷତା ବିକାଶର ମୁଖ୍ୟ ସୁଶାନ୍ତ ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଛାତ୍ରୀ ନେହା ଜେନା ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ଛାତ୍ରୀ ଶୁଭଲକ୍ଷ୍ମୀ ବାରିକ, ସୁଶ୍ରୀସଙ୍ଗୀତା ନାୟକ ଏବଂ ରାଜସ୍ମିତା ଖିଲାର ସାଗତ ନୃତ୍ୟ ପରିବେଷଣ କରିଥିଲେ । କୃତୀବାସ ପାତ୍ର, ସସ୍ମିତା ଦାସ, ସତ୍ୟବ୍ରତ ଦେ, ସରିତା ବିନ୍ଧାଣୀ ଓ ସୁକମଲ ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସେଲ, ରାଉରକେଲା ଇସ୍ପାତ କାରଖାନାରେ ସଡକ ସୁରକ୍ଷା ସଚେତନତା ପାଇଁ ସୁଦୀର୍ଘ ମାନବ ଶୃଙ୍ଖଳ ଆୟୋଜିତ

ରାଉରକେଲା, ୧୩/୯ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନାରେ ସେପଟ୍ଟେମ୍ବର ୧୦ ତାରିଖ ଦିନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ, ସଂସ୍କାର ଗେଟ୍ ରୁ ଇଡି ୱାର୍କ୍ସ ଛକ ପର୍ଯ୍ୟ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରାଯାଇଥିଲା। ଏଥିରେ କାରଖାନାର ବିଭିନ୍ନ ବିଭାଗର ୫୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ସୁଶ୍ରୀ ଆଶା କାର୍ଥା ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଶ୍ରୀ ଅବକାସ ବେହେରା ଏହି ଅଭିଯାନର ନେତୃତ୍ୱ ନେଇଥିଲେ।

ଏହି ଅଭିଯାନରେ ଅଂଶଗ୍ରହଣକାରୀ ମାନବ ଶୃଙ୍ଖଳ ଗଠନ କରିବା ସହିତ ସୁରକ୍ଷା ବାର୍ତ୍ତା ଉପରେ ଆଧାରିତ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏହି




ପ୍ଲାକାର୍ଡଗୁଡିକ ମାଧ୍ୟମ ରେ ସଡକ ସୁରକ୍ଷାର ମହତ୍ତ୍ୱପୂର୍ଣ୍ଣ ଦିଗଗୁଡିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଟ୍ରାଫିକ ନିୟମର ଅନୁପାଳନ, ସୁରକ୍ଷିତ ସଡକ ବ୍ୟବହାର, ଓଭରଟେକିଂକୁ ଏଡାଇବା, ରେଡ ଲାଇଟ ଉଲ୍ଲଂଘନ ନ କରିବା, ଗାଡି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ଅସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସକୁ ଏଡ଼ାଇବା ଏବଂ ପ୍ଲାଣ୍ଟ ପରିସର ମଧ୍ୟରେ ଗତି ସୀମା ପାଳନ କରିବା ଭଳି ଗୁରତ୍ୱପୂର୍ଣ୍ଣ ସୂଚନା ଦିଆଯାଇଥିଲା।

ଜେନେରାଲ୍ ସିଫ୍ଟ ସମୟରେ ବହୁ କର୍ମଚାରୀଙ୍କ ଗମନାଗମନକୁ ଦୃଷ୍ଟି ରେ ରଖି ଏହି କାର୍ଯ୍ୟକ୍ରମକୁ ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିଲା। ଏହି ଅଭିଯାନଟି ସକାଳ ୮.୩୦ ମିନିଟ ରୁ ଆରମ୍ଭ ହୋଇ ସକାଳ ୯.୩୦ ମିନିଟରେ ଶେଷ ହୋଇଥିଲା। ଏହା ଉଭୟ ସଂସ୍କାର ଫାଟକ ଏବଂ ମୁଖ୍ୟ ଫାଟକ ଦେଇ ପ୍ରବେଶ କରୁଥିବା କର୍ମଚାରୀମାନଙ୍କର ଏକତା ଏବଂ ସୁରକ୍ଷା ସଚେତନତାର ଦୃଷ୍ଟି ଆକର୍ଷଣ କୁ ସୁନିଶ୍ଚିତ କରିଥିଲା। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ ଶ୍ରୀ ବି କେ ପାଢୀ କାର ?ୟକ୍ରମ ସଂଯୋଜନା କରିଥିଲେ।

ଏହି ମାନବ ଶୃଙ୍ଖଳ, ସଂଗଠନର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଏବଂ ଏଥିରେ କାର୍ଯ୍ୟରତ କର୍ମଜୀବି ଏବଂ ପଣଧାରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଏହାର ସକ୍ରିୟ ଆଭିମୁଖ୍ୟକୁ ଦୋହରାଇଛି । ଏହି ଭଳି ଉତ୍ତମ କାର୍ଯ୍ୟ ପାଇଁ ଏକତ୍ରିତ ହୋଇ, ଅଂଶଗ୍ରହଣକାରୀମାନେ ରାସ୍ତାକୁ ଅଧିକ ନିରାପଦ କରିବା ଏବଂ ଅନ୍ୟମାନଙ୍କୁ ସେମାନଙ୍କର ଦୈନନ୍ଦିନ ଜୀବନରେ ସୁରକ୍ଷା ଉପରେ ପ୍ରାଧାନ୍ୟ ଦେବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟ ରେ ଏହି ମାନବ ଶୃଙ୍ଖଳରେ ସାମିଲ ହୋଇଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ସେପ୍ଟେମ୍ବର ୨୦୨୫
email : rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

ଭାଗ-୧୧୩

(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭରତ ଆସି ଯଜ୍ଞାସୀନ ରାମଙ୍କ କର୍ଣ୍ଣରେ କ'ଣ କହି ଦେଇଗଲେ । ଚକିତ ହୋଇ ଏଣେ ତେଣେ ଅନାଇଥିଲେ ଯଜ୍ଞକର୍ତ୍ତା । ସତେ ତ ପିଲା ଦୁଇଟି ଅବିକଳ ତାଙ୍କରି ଭଳି ଦେଖା ଯାଉଛନ୍ତି। ତାହେଲେ ଏମାନେ କ'ଣ .... । ନା ଆଉ ଚିନ୍ତା କରିପାରିଲେ ନାହିଁ ସେ । ପିଲା ଦୁଇଟିକୁ ପାଖକୁ ଡାକି ତାଙ୍କ ପରିଚୟ ପଚାରିଥିଲେ । ସେହି ଗୋଟିଏ ଉତ୍ତର ଆମେ ମୁନିକୁମାର । ଆମ ମାତା ତପସ୍ୱିନୀ ।

ଚିନ୍ତିତ ହୋଇପଡ଼ିଲେ ଭଗବାନ ଶ୍ରୀରାମ। ଏମାନେ ନିଶ୍ଚୟ ସୀତାର ସନ୍ତାନ । କେମିତି ଜାଣିବି ପିଲା ଦୁହିଁଙ୍କର ପ୍ରକୃତ ପରିଚୟ । ଜ୍ୟେଷ୍ଠଭ୍ରାତା ଶ୍ରୀରାମଙ୍କୁ ଏମିତି ଚିନ୍ତିତ ହୋଇପଡ଼ିବାର ଦେଖି ଶତ୍ରୁଘ୍ନ ପାଖକୁ ଆସି କହିଥିଲେ, ଆପଣ କ'ଣ ପାଇଁ ଏତେ ଚିନ୍ତିତ ହୋଇ ପଡୁଛନ୍ତି ଜ୍ୟେଷ୍ଠଭ୍ରାତ । କୁଶ ଲବ ଆପଣଙ୍କ ସନ୍ତାନ ।

ଶତ୍ରୁଘ୍ନ ! ଆଶ୍ଚର୍ଯ୍ୟ ହୋଇ ଉଠିଥିଲେ ପ୍ରଭୁ ଶ୍ରୀରାମ । କୌଣସି ପରିଚୟ ନପାଇ କିଛି ନଜାଣି ତୁମେ କେମିତି ଜାଣିଲ ଏ ସନ୍ତାନ ଦ୍ୱୟ ମୋର ବୋଲି ।

ଜ୍ୟେଷ୍ଠଭ୍ରାତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶତ୍ରୁଘ୍ନ କହିଥିଲେ, ମୁଁ ସବୁ ଜାଣେ ଜ୍ୟେଷ୍ଠ ଭ୍ରାତ । ଲବକୁଶଙ୍କ ଜନ୍ମଦିନ ମୁଁ ବାଲ୍ମିକୀଙ୍କ ଆଶ୍ରମରେ ଉପସ୍ଥିତ ଥିଲି ।

ଶତ୍ରୁଘ୍ନ !

ହଁ ଜ୍ୟେଷ୍ଠଭ୍ରାତା ଲବଣାସୁର ସହିତ ଯୁଦ୍ଧ କରିବାକୁ ଯାଇ ମୁଁ ଯେଉଁଦିନ ମହର୍ଷି ବାଲ୍ମିକୀଙ୍କ ଆଶ୍ରମରେ ରାତ୍ରିଯାପନ କରିଥିଲି, ସେହିଦିନ ଲବକୁଶ ଜନ୍ମ ଲାଭ କରିଥିଲେ । ମୁଁ ସେହି ଆଶ୍ରମରେ ଥାଇ ମଧ୍ୟ ସୀତା ମାତାଙ୍କୁ ସାକ୍ଷାତ ନକରି ଚାଲି ଆସିଥିଲି, ଆପଣଙ୍କ ଭୟରେ । କୁଶ, ଲବଙ୍କର ଜନ୍ମ ତାଙ୍କର ନାମକରଣ ଉତ୍ସବ ମୁଁ ବାଲ୍ମିକୀଙ୍କ ଆଶ୍ରମରେ ଦେଖି ଆସିଥିଲି । ଅନେକଥର ଭାବିଥିଲି ଆପଣଙ୍କୁ ଏ ସମ୍ବାଦ ଦେବି ବୋଲି ମାତ୍ର ଆପଣ ଦୁଃଖିତ ହେବା ଜାଣି ମୁଁ ତାହା ପ୍ରକାଶ କରିନଥିଲି ।

ଅନୁଜ ଶତ୍ରୁଘ୍ନଙ୍କ ମୁଖରୁ ଏ ସମ୍ବାଦ ଶୁଣି ଚକିତ ହୋଇ ଯାଇଥିଲେ ଭଗବାନ ଶ୍ରୀରାମ । ସୀତାଙ୍କ କଥା ତାଙ୍କର ବାରମ୍ବାର ତାଙ୍କ ମାନସପଟରେ ଉଙ୍କି ମାରିଲା । ଯଜ୍ଞକର୍ମରେ ମନ ଲାଗିଲା ନାହିଁ । କାହା ନିକଟରେ ସେ ଏକଥା ପ୍ରକାଶ କରିବେ ? ମା' ମାନଙ୍କୁ କହିବେ, ନା ଅନୁଜ ଭ୍ରାତା ମାନଙ୍କୁ କହିବେ କିଛି ଚିନ୍ତା କରିପାରିଲେ ନାହିଁ । ନିଜ ଜନ୍ମିତ ସନ୍ତାନ ଦୁଇଜଣ ଆସି ନଅ/ଦଶବର୍ଷର ହେଲେଣି। ଏ ପର୍ଯ୍ୟନ୍ତ ତାଙ୍କ ଜୀବନଦାତା ପିତାଙ୍କ ମୁଖ ଦେଖି ପାରି ନାହାନ୍ତି । ଏହାଠାରୁ ବଳି ଦାରୁଣ ଦୁଃଖ ଆଉ କ'ଣ ଥାଇପାରେ ? ନା ଯେମିତି ବି ହେଉ ସେ ପିଲାଦୁହିଁଙ୍କ ଠାରୁ ତାଙ୍କ ମାତାର ପରିଚୟ ପଚାରି ବୁଝିବେ ।

ଏମିତି ଏମିତରେ ଯଜ୍ଞ କାର୍ଯ୍ୟ ସାତଦିନ ଅତିବାହିତ ହୋଇ ଯାଇଥିଲା । ଦୈନନ୍ଦିନ ଯଜ୍ଞାରମ୍ଭରେ କୁଶ ଲବ ଆସି ରାମାୟଣ ଗାନ କରନ୍ତି । ରାମାୟଣ କଥା ବହି ଚାଲିଥାଏ ଆଗକୁ ଆଗକୁ । ଦଶରଥଙ୍କ ଶପଥ ଶ୍ରୀରାମ ରାଜା ହେବେ, ତହିଁ ପରଦିନକୁ ରାମଙ୍କୁ ବନବାସର ଦଣ୍ଡ, କୈକେୟୀ ମାଆଙ୍କ ଚକ୍ରାନ୍ତ, ରାମ, ଲକ୍ଷ୍ମଣ, ସୀତା ବନଗମନ, ବନସ୍ତରେ ଥିବା ସମୟରେ ସୀତାହରଣ ଆଦି ସମସ୍ତ ବିଷୟ କୁଶ ଲବଙ୍କ ମୁଖରୁ ଶୁଣିଶୁଣି ସହସ୍ର ସଂଖ୍ୟାରେ ରୁଣ୍ଡୀଭୂତ ଜନତା ସ୍ତବ୍ଧ । ଶେଷରେ ଭଗବାନ ଶ୍ରୀରାମ ନିଜେ କୁଶ ଲବଙ୍କ ପାଖକୁ ଯାଇ ତାଙ୍କୁ ଅତି ଆଦରରେ ପଚାରିଥିଲେ, "କୁଶ ଲବ ତୁମେ ଦୁହେଁ ଯାଆଁଳା ଭାଇ । ତୁମମାନଙ୍କର ରୂପ ଗୁଣରେ ମୁଁ ମୁଗ୍ଧ । ତୁମ କଣ୍ଠରୁ ଝରୁଥିବା ରାମାୟଣର ଲଳିତ ଝଙ୍କାର ମୋତେ ବିମୁଗ୍ଧ କରିଛି । ମୁଁ ତୁମକୁ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରୁଛି । ତୁମେ ତାହା ଗ୍ରହଣ କର ।"

ପ୍ରଭୁ ରାମଚନ୍ଦ୍ରଙ୍କ ମୁଖରୁ ଏପରି କଥା ଶୁଣି କୁଶ ଲବ ହସି ହସି କହିଥିଲେ, ମହାରାଜ ! ଆପଣ ଅଯୋଧ୍ୟାର ରାଜା । ଆପଣଙ୍କ କୀର୍ତ୍ତି ସସାଗରା ଧରାରେ ବ୍ୟାପୀ ଯାଇଛି । ଏପରିକି ଆମେ ଶୁଣିଛୁ ଦେବତା ମାନେ ମଧ୍ୟ ଆପଣଙ୍କ ଯଶଗାନ କରନ୍ତି । ଆପଣଙ୍କ ପ୍ରଜାମାନେ ସଦାକାଳେ ଆପଣଙ୍କୁ ପୂଜା କରି ଆସୁଛନ୍ତି । ଆପଣ ଜଣେ ସତ୍ୟବନ୍ତ, ଗୁଣବନ୍ତ, ଧାର୍ମିକ ରାଜା । ଅଶ୍ୱମେଧ ଯଜ୍ଞଭଳି ମହାନ୍ ଯଜ୍ଞ ଆପଣ କରୁଛନ୍ତି । ନିଜ ପତ୍ନୀ ପାଖରେ ନଥିବାରୁ ସୁନାର ପ୍ରତିମୂର୍ତ୍ତିଟିଏ ନିର୍ମାଣ କରି ଆପଣ ପାଖରେ ରଖି ଯଜ୍ଞ କାର୍ଯ୍ୟ ସମାପନ କରୁଛନ୍ତି । ଆପଣ ଏତେ ମୁନିଋଷି ସାଧୁସନ୍ଥ ପ୍ରଜାମାନଙ୍କ ମନ ଜାଣି ପାରୁଛନ୍ତି, ଅଥଚ ଆମ ଦୁଇଭାଇଙ୍କ ମନକୁ ଆପଣ ଜାଣିପାରୁ ନାହାନ୍ତି କେମିତି ? ଆମେ ମୁନିକୁମାର । ଏ ସ୍ୱର୍ଣ୍ଣମୁଦ୍ରା ଆମର କ'ଣ ହେବ ? ଆପଣ ଯେଉଁ ସ୍ନେହ, ପ୍ରେମରେ ଆମକୁ ବାନ୍ଧିଦେଲେ, ସେତକ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଠାରୁ ଅଧିକ ।

କୁଶଲବଙ୍କ ମୁଖରୁ ଏପରି କଥା ଶୁଣି ପୁରୁଷୋତ୍ତମ ଶ୍ରୀରାମ ସେ ଦୁହିଁଙ୍କୁ କୋଳକରି କହିଥିଲେ, "ତୁମକୁ ମୁଁ ଅଶେଷ ଶୁଭେଚ୍ଛା ଜଣାଉଛି ପୁତ୍ର । ଶୁଭେଚ୍ଛା ଜଣାଉଛି ତୁମ ପିତାମାତାଙ୍କୁ । ସେମାନଙ୍କର ଜୀବନ ଧନ୍ୟ ହୋଇ ଯାଇଥିବ ତୁମ ଭଳି ପୁତ୍ର ଦୁହିଁଙ୍କୁ ପାଇ । ଏବେ ମୋତେ ଗୋଟାଏ ସତ୍ୟ କଥା କହିବ ପୁତ୍ର ।"

ରାଜା ରାମଚନ୍ଦ୍ରଙ୍କ କଥା ଶୁଣି କୁଶ ଲବ କହିଥିଲେ, "ପ୍ରଭୁ ଆମ ତପସ୍ୱିନୀ ମାତା ଆମକୁ ଗୋଟାଏ କଥା କହିଛନ୍ତି, ପୁଅରେ ମୋର ଏହି କଥାଟିକୁ ସଦା ମନେ ରଖିଥିବ । ଜୀବନରେ କାହା ସହିତ ଛନ୍ଦ କପଟ କରିବ ନାହିଁ କି ମିଥ୍ୟା କହିବ ନାହିଁ । ସତ୍ୟ କହି ଯଦି ମୃତ୍ୟୁବରଣ କରିବାକୁ ପଡ଼େ ତଥାପି ତୁମେ ଭୟ କରିବ ନାହିଁ।" ଆପଣ ଆମକୁ ଯାହା ପଚାରିବା କଥା ପଚାରନ୍ତୁ । ଆମେ କଦାପି ମିଥ୍ୟା କହିବୁ ନାହିଁ।

କୁଶ ଲବ ମୁଖରୁ ଏପରି କଥା ଶୁଣି ରାମଚନ୍ଦ୍ର ପଚାରିଥିଲେ, "ଏବେ ତୁମେ ସତ୍ୟ କରି କୁହ ପୁତ୍ର ତୁମର ପିତାମାତା କିଏ ?"

ଆମେ ଆପଣଙ୍କୁ ପୂର୍ବରୁ ଏକଥା କହିସାରିଛୁ । ଆମେ ମୁନିକୁମାର । ଆମ ମାତାଙ୍କ ନାମ ତପସ୍ୱିନୀ ।

ତୁମେ କେଉଁ ମୁନିଙ୍କ ପୁତ୍ର ? ତାଙ୍କ ନାମ କ'ଣ ?

ଏକଥା ଶୁଣି କୁଶ କହିଥିଲେ, "ଆମ ପିତାଙ୍କ ନାମ ଆମ ନିକଟରେ ଆମ ତପସ୍ୱିନୀ ମାତା ଗୋପନ ରଖିଛନ୍ତି । ପଚାରିଲେ କୁହନ୍ତି ସମୟ ଆସିଲେ ତୁମେ ତୁମ ପିତାଙ୍କ ପରିଚୟ ପାଇବ । କେବଳ ଗୋଟାଏ କଥା ମୁଁ ଗୋପନରେ ମୋ ମାଆଙ୍କ ମୁଖରୁ ଶୁଣିଛି, ଆମେ ରଘୁବଂଶର ସନ୍ତାନ ।

ରଘୁବଂଶର ସନ୍ତାନ । ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଭଗବାନ ଶ୍ରୀରାମଚନ୍ଦ୍ର । ପିଲା ଦୁଇଟିକୁ ଅତ୍ୟନ୍ତ ଆଗ୍ରହର ସହିତ ପଚାରିଥିଲେ, ତୁମ ମାତା ନାମ ତପସ୍ୱିନୀ ସୀତା ତ ?

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ୍ — ମଙ୍ଗୁ ଦୋକାନରେ ଖଟି



### ସୁବ୍ରତ ପଟ୍ଟନାୟକ

ଆମ ଗାଁ ମୁଣ୍ଡରେ ଥିବା ମଙ୍ଗୁ ଦୋକାନରେ ଚାଲିଥିଲା ଖଟି । ସରକାରୀ ଦଳିଆ ଓ ବିରୋଧୀ ଦଳିଆ ଉଭୟେ ଥିଲେ ଗରାଖ । ଆଲୋଚନାର ବିଷୟ ଥିଲା- କିଏ ପାରଙ୍ଗମ ? 'ମୋ ସରକାର' ନା 'ଆମ ସରକାର' ? ବିରୋଧୀ ଦଳିଆ ଗରାଖ ଯୁକ୍ତି କଲେ- 'ମୋ ସରକାର' ବଢ଼ିଆ । ଏଥିରେ ଅଛି ଆତ୍ମୀୟତା । ସରକାରୀ ଦଳିଆ ଗରାଖ କହିଲେ- ତମ କଥା ଭୁଲ । 'ମୋ' ଶବ୍ଦରେ ଥାଏ 'ଅହଙ୍କାର' । 'ଆମ' ଶବ୍ଦରେ ଥାଏ 'ତ୍ୟାଗ' । ମଙ୍ଗୁ ସାହୁ ଦୁଇ ପକ୍ଷ ଗରାଖଙ୍କ କଥାରେ ଆଦି ଅନ୍ତ ପାଉ ନଥାଏ ।

ବିରୋଧୀ ଗରାଖ ଯୁକ୍ତି କଲେ- ଆମେ ଯେଉଁସବୁ ଯୋଜନା କରିଥିଲୁ, ତମ ସରକାର ତାକୁ କପି କରି ଚାଲିଛନ୍ତି । ତମର କିଛି ନୂଆ ଯୋଜନା ନାହିଁ । ପୁରୁଣା ଯୋଜନାକୁ କେବଳ ନାଁ ଓ ରଙ୍ଗ ବଦଳାଉଚ । ଲୋକଙ୍କୁ ଠକୁଚ । ସରକାରୀ ଦଳିଆ ଗରାଖ ଚିହିଁଙ୍କ ଉଠିଲେ- କପି କରିବା ଆମ ଜାତକରେ ନାହିଁ । ଆମେ ସୁଭଦ୍ରା ଯୋଜନା, ଦିବ୍ୟାଙ୍ଗ ଭତ୍ତାକୁ ତିନିଗୁଣ କରିଚୁ। ଆମ ଯୋଜନାରେ ସଭିଏଁ ଖୁସ୍ । ଆଗକୁ କଣ ସବୁ କରିବୁ ଦେଖିବ ।

ବିରୋଧୀ ଗରାଖ କହିଲେ- ତମେ ସେ ବାହାପିଆ କଥା ଛାଡ଼ । ଧାନ ସବସିଡି ବଢ଼ାଇଲ। ଟୋକନ୍ ନଦେଇ କଟ୍‌ନି ଛଟ୍‌ନି କରି ଚାଷୀଙ୍କୁ ଠକିଲ । ଦିବ୍ୟାଙ୍ଗ ଲୋକଙ୍କୁ ୮୦ ପ୍ରତିଶତ ମେଡିକାଲ ସାର୍ଟିଫିକେଟ୍ ମାଗି ନାକ ଘୋଷରା କଲ । ତମକଥା କହିଲେ ପୁରାଣ ହବ । ଫୁଟାଣି ଛାଡ଼ । ସରକାରୀ ଦଳିଆ ଗରାଖ କହିଲେ- ତମେ ପରା ଅଢ଼େଇ ଦଶନ୍ଧି ଧରି ରାଜ୍ୟକୁ ଲୁଟିଲ । ଜଙ୍ଗଲ, ଜମି, ଖଣି, ପାଣି ସବୁ ଖୋଳ କଲ । କେନ୍ଦ୍ର ସରକାର ଗରିବଙ୍କ ପାଇଁ ଯେଉଁ ଟଙ୍କା ଦେଉଥିଲା, ତାକୁ ମିଳିମିଶି ଚଳୁ କରୁଥିଲ ।

ମଙ୍ଗୁ ସାହୁ ଦୋକାନରେ ବଢୁଥାଏ ଗରାଖଙ୍କ ଭିଡ଼ । ବିରୋଧୀ ଗରାଖ କହିଲେ- ଏଇ ଦୁଇ ତିନି ମାସ ମଧ୍ୟରେ ଛଅ ସାତଟା ଆତ୍ମଦାହ ଘଟିଛି। ଦୈନିକ ଗଣ ଦୁଷ୍କର୍ମ ବଢୁଛି । ଟିଭି ଖବରକାଗଜରେ ପୃଷ୍ଠା ପରେ ପୃଷ୍ଠା ହତ୍ୟା ଖବର ଛାପା ଯାଉଛି । ରାଜ୍ୟ ରସାତଳକୁ ଖସିଲାଣି। ସରକାରୀ ଦଳିଆ ଗରାଖ ସମ୍ଭାଳି ନପାରି କହିଲେ- ଆମ ସରକାର କୌଣସି ଅପରାଧୀଙ୍କୁ ଛାଡ଼ିବ ନାହିଁ । ସମସ୍ତଙ୍କୁ ଜେଲରେ ଠୁଙ୍କିବ । କଠୋର ଶାସ୍ତି ମିଳିବ । ତଦନ୍ତ ସରୁ । କେତେ କୁବେର ଅଧିକାରୀଙ୍କୁ ଭିଜିଲାନ୍ସ ଜାଲରେ ଧରିଲୁଣି । କେଜି କେଜି ସୁନା ରୂପା ଜବତ କଲୁଣି। ସମସ୍ତଙ୍କ ଗୁମର ଫିଟିବ ।

କଳାବଜାରିଆଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ । ଏହି ଦୁର୍ନୀତିଖୋର ଅଫିସର କାହା ବାହୁ ବଳରେ ହୋଇଥିଲେ ବଳିୟାର ? ଆମେ ସବୁ ଦୁର୍ନୀତିଖୋରଙ୍କ ପର୍ଦ୍ଦାଫାସ କରିବୁ । ଗୁଣ୍ଡା ନିରୋଧ ଆଇନ ଲାଗୁ କରାଇବୁ ।

ମଙ୍ଗୁ ସାହୁ ଦୋକାନ ଖଟିରେ ସାମିଲ ହେଲେ ଆଉ କିଛି ସାଧାରଣ ଲୋକ । ସେମାନଙ୍କ ମଧ୍ୟରୁ ଜଣେ ମତ ଦେଲେ- 'ମୋ ସରକାର' ଓ 'ଆମ ସରକାର' ମଧ୍ୟରେ ବିଶେଷ କିଛି ଫରକ୍ ନାହିଁ । ଦୁଇଟି ଯାକର ଅର୍ଥ ପ୍ରାୟ ସମାନ । ମୋ ଗାଁ କହିଲେ ଯାହା, ଆମ ଗାଁ କହିଲେ ଠିକ୍ ସେୟା । 'ଦଳୀୟ ସରକାର' ବଦଳେ ସିନା, 'ପ୍ରଶାସନ' ବଦଳେ ନାହିଁ । ରାଜନୈତିକ ଦଳ ବଦଳିଲେ ନୂଆ ମନ୍ତ୍ରିମଣ୍ଡଳ ଗଢ଼ାହୁଏ । ତାହା ନିରାଟ ସତ । ମାତ୍ର ୨୫ ଜଣିଆ ନୂଆ ମନ୍ତ୍ରୀମଣ୍ଡଳ କଣ - ରାଜ୍ୟ ସରକାର ? ପ୍ରଶାସନିକ ଅଧିକାରୀଙ୍କୁ ନେଇ ଶାସନ ଚାଲେ । ତେଣୁ 'ମୋ ଶାସନ' ଯାହା 'ଆମ ଶାସନ' ତାହା । ଲୋକଙ୍କ ମନ ଭୁଲାଇବା ପାଇଁ ଏସବୁ 'ରୋଚକ' ଶବ୍ଦ। ତୁଚ୍ଛା ନାଟକ ।

ମଙ୍ଗୁ ସାହୁ ଖଟିରେ ବସି ଆମେ କେତେକ ତଥ୍ୟ ହାସଲ କଲୁ । ସାର କଥାଗୁଡ଼ିକୁ ବଖାଣିବାକୁ ମନ ବଳାଉଛୁ ।

୧- ଗତ ସରକାରରେ ଦଳର ସଭାପତି ଦୀର୍ଘ ୨୪ ବର୍ଷ କାଳ ନିରବଚ୍ଛିନ୍ନ ମୁଖ୍ୟମନ୍ତ୍ରୀ ପଦରେ ଥିଲେ । ଏବେ ଦଳୀୟ ସଭାପତିଙ୍କ ବଦଳରେ ଅନ୍ୟ ଜଣେ ବିଧାୟକ ମୁଖ୍ୟମନ୍ତ୍ରୀ ଅଛନ୍ତି । ୨- ଗତ ସରକାରରେ ମୁଖ୍ୟମନ୍ତ୍ରୀ ଶେଷ ପର୍ଯ୍ୟନ୍ତ ଥିଲେ ସର୍ବେସର୍ବା । ଏବେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାମିଲ ଅଛନ୍ତି ଦୁଇଜଣ ଉପ- ମୁଖ୍ୟମନ୍ତ୍ରୀ । ୩- ଏଥର ଲୋକସଭାରେ ମୁଖ୍ୟ ବିରୋଧୀ ସଦସ୍ୟଙ୍କ ସଂଖ୍ୟା ଶୂନ୍ୟ । ନୂଆ ସରକାରଙ୍କ ସଦସ୍ୟ ସଂଖ୍ୟା କୋଡ଼ିଏ । ୪- ଗତ ସରକାର ପ୍ରକୃତ ଗୋଟି ଚାଳକ ଥିଲେ ଜଣେ ଆଇଏଏସ୍ ଅଫିସର । ଏଥର ରିଂ ମାଷ୍ଟର- ଖୋଦ୍ ମୁଖ୍ୟମନ୍ତ୍ରୀ । ୫- ଗତ ସରକାରରେ ମୁଖ୍ୟମନ୍ତ୍ରୀ ଥିଲେ- ବ୍ୟାଚେଲର୍ । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ - ସଂସାରୀ । ମଙ୍ଗୁ ସାହୁ ଦୋକାନକୁ ଆସିଲେ ଏମିତି ଅନେକ ଗରମାଗରମ ଖବର ପାଇ ପାରିବେ । ସମୟ ଥିଲେ ଥରେ ଆସନ୍ତୁ । ଆଜି ଏତିକି ।

ଜୟ ଜଗନ୍ନାଥ ॥

♥ ଓରାଳି କେନ୍ଦୁଝର,
ମୋ: ୯୯୩୭୭୯୧୨୪୪

## କବିତା...



### ଆସ ମା'

**ବାବାଜୀ ଚରଣ ଜେନା**

ଆବାହନ କରେ କାଶତଣ୍ଡୀ ଫୁଲ
ଶରତ ସକାଳରେ
ଆସ ଆସ ମାଆ ମାଟି ଅଗଣାକୁ
କୋଟିଏ ପ୍ରଣାମ କରେ
ଶରତର ସକାଳରେ ......।୦।


ଆକାଶେ ଭାସଇ ବଉଦର ମାଳା
ମାଆ ମୁହଁ ମୋର ଦିଶେ
ଭକତର ଲାଗି ଜଗତ ଜନନୀ
ସରଗୁ ଓହ୍ଲାଇ ଆସେ
ଦଳ ଦଳ ହୋଇ ପକ୍ଷୀ ଉଡୁଛନ୍ତି
ଗୀତ ଗାଇ ହରଷରେ
ଶରତର ସକାଳରେ ......।୧।

ଚଉଦିଗେ ଶୁଭେ ଘଣ୍ଟ ଘଣ୍ଟା ଶଙ୍ଖ
ମାଆର ସ୍ୱାଗତ ପାଇଁ
ପବନରେ ଖେଳେ ଫୁଲର ମହକ
ଚଉଦିଗ ଚହଟାଇ
ମରତ ର ମାଟି ସ୍ୱର୍ଗ ପାଲଟିଛି
ମାଆ ପାଦ ପରଶରେ
ଶରତର ସକାଳରେ......।୨।

♥ ଅହଲ୍ୟା ନିବାସ ପୋପରଡା
ନୂଆବଜାର କଟକ-୪
ମୋ-୯୪୩୭୮୩୪୭୧୯

### ଛାଇମାନଙ୍କର ଇତିହାସ

**ସୁଶୀଲ କୁମାର ପାଣିଗ୍ରାହୀ**



ଛାଇମାନଙ୍କର ବି
ଏକ ଇତିହାସ ଅଛି
ଯା'ର ଶବ୍ଦମାନଙ୍କୁ
ପୋତି ଦିଆଯାଇଛି
ମାଟିରେ !

ଛାଇମାନଙ୍କର ପାଇଁ ବି
ଥିଲା ନିୟମ
ଡେଇଁବେନି ଏରୁଣ୍ଡିବନ୍ଧ

ସତର୍କ ହେବେ
ବାଟରେ ଗଲାବେଳେ
ଅବା ନିଜ ବାଟରେ ହିଁ
କେବଳ ଯିବେ

ପୋଖରୀ କି ନଈତଟରେ
ବାଛିବେନି ଘାଟ

କେବେ ବି ଧରିପାରିବେନି
ସେମାନେ ନିଜ ହାତେ
ନିଜ ଇଚ୍ଛାର ଲଗାମ୍ ।

ସବୁବେଳେ ଜନଜୀବନର
ସମାନ୍ତରାଳ ରେଖାରେ
ଯାଉ ଯାଉ ଛାଇ ଭୟ କରେ
ଏକ ଅସତର୍କ ମୂହୁର୍ତ୍ତକୁ
ଅଜ୍ଞାତରେ ଭୂମିସ୍ପର୍ଶକୁ
ଅପ୍ରେମ ଘୃଣାରେ
କଣିକାଏ ସ୍ଫୁଲିଙ୍ଗକୁ
ଭୟ କରେ ବେଶି
ତଥାକଥିତ ଆଲୋକିତ ଜୀବନର
ଅନ୍ଧକାରକୁ।

ଛାଇମାନଙ୍କର ଇତିହାସ
ଖୁବ୍ ଲମ୍ବା
ଝରି ପାରି ନ ଥିବା
ଅସଂଖ୍ୟ ଲୁହବୁନ୍ଦା ଭିତରେ
ସାଇତା
ପୃଷ୍ଠାରୁ ସବୁ ଅନ୍ଧାରକୁ
ଲୁଚେଇ ଦେଇଛି ବୋଲି କହନା

ନିଜ ଭାଗର ଆଲୁଅକୁ
ପାଦ କରି
ଡେଇଁବାକୁ ହେବ ସିନା
ଏରୁଣ୍ଡିବନ୍ଧ
ଇତିହାସରେ ଛାଡିଯିବାକୁ
ପାଦଚିହ୍ନ।

♥ କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ ୨୦୩
ଜଲାନ ଗଳି
ସମ୍ବଲପୁର-୨
ଫୋନ:୯୪୩୭୮୦୫୯୬୧

### ଅଙ୍କାବଙ୍କା ନଈ

**ଶାନ୍ତନୁ କୁମାର ସର**



ଅଙ୍କାବଙ୍କା ନଈର ଧାରରେ
ନିର୍ଜନ ନୀରବତାର
ଆଦିମ ସମ୍ମୋହନରେ
ମୁଁ ଦୌଡୁଥାଏ ଦୌଡୁଥାଏ
ଦେଖି ଦେଖି ନଈ ପାଣିରେ
ଝଲସୁଥିବା ତୁମ ପ୍ରତିବିମ୍ବର
ଆକର୍ଷଣରେ ।

ସେତେବେଳେ ମୁଁ କଣ ଜାଣିଥିଲି
ଯେ ରୂପେଲି ରୁମାଲ ପରି ତୁମ ଛାଇ
ପ୍ରତାରକ ମାୟା ମରୀଚିକା
ଦେଖିଲା ବେଳକୁ ତମ ପ୍ରତିବିମ୍ବ
ସହସ୍ର ପାଖୁଡ଼ାରେ ସଜ୍ଜିତ ହୋଇ
ଉଭେଇଯାଏ ଅନନ୍ତ ଶୂନ୍ୟରେ !

ମନେ ଅଛି ତମ ଅଶରିରୀ ସତ୍ତାକୁ
ମୁଁ କେମିତି ବିଷ୍ଣୁଶର୍ମା ପରି
କହୁଥାଏ ଦେହ ଓ ବିଦେହର କଥା
ଆତ୍ମାର ଅନ୍ୱେଷା ଓ ଆଉ ଅପ୍ରାପ୍ତିର ଶିଳାଲିପି
ଧରା ଦେଉନଥିବା କବିତାର ପଙ୍କ୍ତି
ଅବୁଝା ରାଜପୁତ୍ରକୁ କହିବାପରି
ପାପ ଆଉ ପ୍ରାୟଶ୍ଚିତର ପଞ୍ଚତନ୍ତ୍ର
ଆଉ ଧବଳ ଜିଜ୍ଞାସା ।


ଆମେ କଣ କେତେବେଳେ ଜାଣିଥିଲେ
ସବୁ କାହାଣୀର ଅହେତୁକ ଅନ୍ତଥାଏ ଆଉ
ତମେ ପୁଣି ହଜିଯିବ
ଶୂନ୍ୟତାର ଆବର୍ତ୍ତ ଭିତରେ !
ଆମେ କଣ ଜାଣିଥିଲେ
ନାଟକର ଶେଷ ଦୃଶ୍ୟ ଆସିଯିବ
ନାଟ୍ୟଶାସ୍ତ୍ର ନିୟମ ବାହାରେ

କବାଟରେ ଠକ୍ ଠକ୍ ଶବ୍ଦ ଶୁଣି
ମୁଁ ଦୌଡୁଥିବି ବିକଳ ଆଶାରେ
କିନ୍ତୁ କବାଟ ଖୋଲିଲା ପରେ
ତମେତ ନଥିବ,
ଥିବଖାଲି ଉତ୍ପୀଡକ ଶୂନ୍ୟତାର
ମାୟାମୃଗ ଆଉ କରୁଣ ଚିତ୍କାର ।

♥ ପ୍ରାକ୍ତନ ଅଧ୍ୟକ୍ଷ,
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଅନୁଗୋଳ

### କି ଲାଭ

**ଜେନା ପ୍ରଦୀପ**



କି ଲାଭ ଏମିତି ଜୀବନ ଜିଇଁ
ଯେଉଁ ଜୀବନରେ ପ୍ରେମର ତଟିନୀ
କୁଳୁକୁଳୁ ହେଇ ଯାଇନି ବହି।

ଦେଖିଦେଲେ ଦୁଃଖ ଆଉ ବା କାହାର
ଆହା ପଦେ ଯଦି କହେନି ପାଟି
କି ଲାଭ ଏମିତି ତୁଣ୍ଡଟିଏ ପାଇ
ହେଉ ଯେତେ ହରିନାମକୁ ରଟି
ଅସାର ଜୀବନ ସେଇ ମଣିଷର
ହୃଦୟରେ ଯା'ର କରୁଣା ନାହିଁ।

ଶାକାହାରୀ ହେଇ ତିଳକ ଲଗାଇ
ସାଧୁ ବେଶ ଧରି କହ କି ଲାଭ

ମଣିଷ ପଣିଆ ନାହିଁ ଯଦି ପାଖେ
ଭଲ ନୁହେଁ ଯଦି ତୁମ ସ୍ୱଭାବ
ବିନା କର୍ମରେ ତୁଚ୍ଛା ବଚନରେ
ପାରେ କି ବଦଳି ସମାଜ କାହିଁ।

♥ ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ,ମୋ - ୯୯୩୮୫୨୦୩୭୧

### ମୁହଁ

**ଭାରତୀ ହୋତା**



ତା ବିଭୋର ଚାହାଣୀ
ଲୋଭନୀୟ ମୁହଁ
ବାନ୍ଧି ହୋଇଗଲା ହୃଦୟ ସହିତ ଯେ
ଭିଜିଗଲା ଜୀବନଯାକର ଚଲାପଥେ
ଦେହର ଅସ୍ଥି ମଜ୍ଜା ଶିରା ପ୍ରଶିରାରେ ।

ଅତୀତର ଅନ୍ତରଙ୍ଗ ମୂହୁର୍ତ୍ତର ସ୍ମୃତି
ବର୍ତ୍ତମାନର ପାପ ପୂଣ୍ୟର ପ୍ରହେଳିକା
ନିଝୁମ୍ ରାତିର ପ୍ରଶାନ୍ତି
ମିଛି ମିଛିକା ବାଲିଘରର
ଭଙ୍ଗା ଗଢ଼ାର ଚିମୁଟାଏ ବିଶ୍ୱାସ
ତମାମ କଥା ମୋ ସହ
ଯେମିତିକି ଚୁକ୍ତିବଦ୍ଧ।

ଛୁରୀଧାରରେ
ପରିବା କଟେ କମ୍
ହୃଦୟ ବେଶୀ
ଘନ ଘୋର ଅନ୍ଧକାରକୁ ଚିରି

ଧାରେ ଆଲୁଅ ବାହାରି ଆସିବା ଆଗରୁ
ଫାଟକରେ ଦସ୍ତକ
ଦିଅନ୍ତି ପ୍ରତାରକ ମୂହୁର୍ତ୍ତ ।

ହଜାର ପୃଷ୍ଠାର କବିତା ସଙ୍କଳନରେ
ବାକି ରହିଯାଏ
ଶହ ଶହ ଅଶ୍ରୁସିକ୍ତ ପାଣ୍ଡୁଲିପି ।
ମଲାଟତଳେ ଅଜସ୍ର ଶୂନ୍ୟସ୍ଥାନ
ଆଉ ପ୍ରଥମ ପୃଷ୍ଠାରେ ନିଷିଦ୍ଧ ସ୍ୱପ୍ନ ସହ
ସଙ୍ଘର୍ଷ କରୁଥାଏ ଗୋଟେ
ଅମୃତ ଉଭାବନ ।

♥ ନୂଆପଡ଼ା

# କେହି ସାଧକ ପୁରସ୍କାର କଥାକୁ ଆଖି ଆଗରେ ରଖି ଲେଖେ ନାହିଁ : ଅନ୍ନପୂର୍ଣ୍ଣା ମହାନ୍ତି

**ଅନ୍ନପୂର୍ଣ୍ଣା ମହାନ୍ତି ଓଡ଼ିଆ ଭାଷା ସାହିତ୍ୟ ଜଗତର ପରିମଣ୍ଡଳରେ ସୁପରିଚିତ ଓ ଜଣାଶୁଣା ବ୍ୟକ୍ତିତ୍ୱ । ସେ ଏକାଧାରରେ ଜଣେ ସୁକବୀ, ସୁଗାଳ୍ପିକା, ଔପନ୍ୟାସିକା ଓ ଭାରତୀୟ ବହୁଭାଷା ଉପନ୍ୟାସର ଅନୁବାଦିକା ମଧ୍ୟ । ଏତଦ୍ ବ୍ୟତୀତ ଅନେକ ଫିଚର, ଆଲୋଚନା ଓ ଲଘୁ ପ୍ରବନ୍ଧମାନଙ୍କର ମଧ୍ୟ ସ୍ରଷ୍ଟା । "ନିଜ ମାତୃଭାଷାର ଅତ୍ୟାଧୁନିକ ଅଭିଭାବକ ମାନେ ଇଂରାଜୀ ଶିକ୍ଷାର ଅତିମାତ୍ରାରେ ଅନୁରାଗୀ ହୋଇଥିବାରୁ ମାତୃଭାଷା ସଂକଟରେ ଥିବା ଭଳି ମନେ ହୁଏ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କର ସୃଜନର ଆଦ୍ୟ ସ୍ଫୁରଣ ?

■■ ସୃଜନର ସ୍ୱପ୍ନ ମନକୁ ଆସିବା ପୂର୍ବରୁ ଏହାର ଉନ୍ମେଷ ଘଟିଥିଲା । ଷଷ୍ଠ ଶ୍ରେଣୀର ଛାତ୍ରୀ ଥିବାବେଳେ, କବିତାରୁ ଆରମ୍ଭ ହୋଇଥିଲା ସୃଜନକଳା । 'ପରୀକ୍ଷା ଆସେ ପାଖେଇ' ଶୀର୍ଷକରେ କବିତାଟିଏ ଅହିୟାସ ହାଇସ୍କୁଲର ମ୍ୟାଗାଜିନ୍‌ରେ ପ୍ରକାଶ ପାଇଥିଲା । ସେହି ଦିନଠାରୁ ନିରବଚ୍ଛିନ୍ନ ଭାବରେ ନ ହେଲେ ବି କବିତା, ମିନିଗଳ୍ପ ଲେଖା ଚାଲିଥିଲା ଓ ଏହା ୧୯୭୮ ମସିହାରେ ରାଜ୍ୟସ୍ତରୀୟ ପତ୍ରିକାରେ ସ୍ଥାନ ପାଇଥିଲା । ସେହିଦିନଠାରୁ ପଛକୁ ଫେରି ଚାହିଁନି ମୁଁ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ରୂପେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ଲେଖକ ଜୀବନର ପ୍ରଥମ ପ୍ରେରଣା ମୋ ବୋଉ, ମୋ ଟିଉସନ୍ ସାର୍ ଏବଂ ପ୍ରକାଶିତ କବିତା ପଢ଼ି ଉତ୍ସାହିତ କରିଥିଲେ ଗଣିତ ଶିକ୍ଷକ ଚନ୍ଦ୍ରଶେଖର ଦାସ ଓ ପ୍ରଧାନ ଶିକ୍ଷକ ଖଗେଶ୍ୱର ଦାସ ପ୍ରମୁଖ । ସାହିତ୍ୟର ଆଦ୍ୟଗୁରୁ ହିସାବରେ ମୁଁ ମୋର ଟିଉସନ୍ ସାର୍‌ଙ୍କୁ ସମ୍ମାନ ପ୍ରଦାନ କରିବି।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ବର୍ତ୍ତମାନ ସମାଜରେ ନାନାଦି ସମସ୍ୟା ସାମ୍ପ୍ରତିକ ଅସ୍ଥିରତା, ରାଜନୈତିକ ଭୋଜବାଜି, ପ୍ରଶାସନିକ ସ୍ୱେଚ୍ଛାଚାରିତାରେ ନିରୀହ ସାଧାରଣ ମଣିଷ ଅତିଷ୍ଠ ହୋଇ ପଡୁଛି । ଏହି ସବୁର ସମାଧାନର ବାଟ କାହା ପାଖରେ ନାହିଁ। ସାହିତ୍ୟ ବିଭିନ୍ନ ବିଭାଗରେ ଏହିସବୁ ସମସ୍ୟାକୁ ସ୍ଥାନିତ କଲେ ଯେ ସମାଜର ପରିବର୍ତ୍ତନ ହେବ, ଏକଥାରେ ମୁଁ ବିଶ୍ୱାସ କରେ ନାହିଁ । ଆପଣ ଲକ୍ଷ୍ୟ କରୁଥିବେ ଓଡ଼ିଆ ସାହିତ୍ୟରେ ହେଉ କି ଅନ୍ୟାନ୍ୟ ସାହିତ୍ୟରେ ପାଠକ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗୁଛି । ଯାହାଙ୍କ ପାଇଁ ଲେଖାଯାଉଛି ତାଙ୍କ ପାଖରେ ଠିକ୍ ସମୟରେ ପହଞ୍ଚୁ ନାହିଁ । ଏହାର ବହୁ କାରଣ ଅଛି- ଯଥା ଟିଭି, ମୋବାଇଲ, କମ୍ପ୍ୟୁଟର ଓ ଇଂରାଜୀ ମାଧ୍ୟମ ଶିକ୍ଷାର ବହୁଳ ପ୍ରସାର ।

■ ଆପଣ ଏକାଧାରରେ ଜଣେ କବି, କଥାକାର, ଓ ଅନୁବାଦିକା। ତେବେ କେଉଁଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ । କେଉଁ ବିଭାଗ ଦେଇଛି ବେଶୀ ଆତ୍ମତୃପ୍ତି ଓ କାହିଁକି ?

■■ ମୁଁ ଏକାଧାରରେ ଜଣେ କବି ଗାଳ୍ପିକା, ଔପନ୍ୟାସିକ ଓ ଅନୁବାଦିକା ମଧ୍ୟ । କିନ୍ତୁ ଲେଖିଲା ବେଳେ ଯେଉଁ ବିଭାଗରେ ମୁଁ ଲେଖିଥାଏ ତା' ସହ ଅତିମାତ୍ରାରେ ମୁଁ ଆତ୍ମସ୍ଥ ହୋଇଯାଏ । ଲେଖିଲା ବେଳେ ସମସ୍ତ ବିଭାଗର ବିସ୍ତୀର୍ଣ୍ଣ କାନଭାସ୍ ମୋ ସାମ୍ନାରେ ଥାଏ । ବେଶି ମାତ୍ରାରେ ମୁଁ ମୋ କହିବା କଥାକୁ ମୋ ଲେଖାରେ ପ୍ରାଞ୍ଜଳ ଭାବରେ ମୁଖରିତ କରିପାରେ । ମୋଟ୍ ଉପରେ କଥାରେ ଅର୍ଥାତ୍ ଗଳ୍ପ ଉପନ୍ୟାସରେ ମୁଁ ବେଶୀ ସହଜ ହେଲେ ମଧ୍ୟ କବିତା ହେଉଛି ମୋର ଜୀବନ ।

■ କୁହାଯାଇଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବା ପାଇଁ ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ନିଜ ମାତୃଭାଷାର ଅତ୍ୟାଧୁନିକ ଅଭିଭାବକ ମାନେ ଇଂରାଜୀ ଶିକ୍ଷାର ସପକ୍ଷରେ ଅତିମାତ୍ରାରେ ଅନୁରାଗୀ ହୋଇଥିବାରୁ ମାତୃଭାଷା ସଂକଟରେ ଥିବା ଭଳି ମନେ ହୁଏ । ଏହି ସଂକଟକୁ ଦୂର କରିବା ପାଇଁ ସରକାର ଯେତେ ଯତ୍ନଶୀଳ, ଜନସାଧାରଣ ତାର ସଫଳତାକୁ ହାତେଇବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । ଇଂରାଜୀ ମାଧ୍ୟମ ଶିକ୍ଷା ବିଭିନ୍ନ ଉଚ୍ଚଶିକ୍ଷାର ମାଧ୍ୟମ ଇଂରାଜୀ ହୋଇଥିବାରୁ ଓଡ଼ିଆ ଭାଷାର ଉଚ୍ଚ ବୃତ୍ତିଗତ ସୁବିଧା ନଥିବାରୁ ଏବର ଛାତ୍ରଛାତ୍ରୀମାନେ ମାତୃଭାଷାଠାରୁ ମୁହଁ ବୁଲାଇ ଆଣୁଛନ୍ତି । ଏଥିରୁ ଗୋଟିଏ ମାତ୍ର ଉଜ୍ଜ୍ୱଳ ଦିଗ ଦିଶିଯାଏ ଯଦି ସମସ୍ତ ଶିକ୍ଷା ବ୍ୟବସ୍ଥାକୁ ସମାନ ସିଲାବସ୍, ସମାନ ପାଠ୍ୟକ୍ରମ ଓ ପରୀକ୍ଷା ବ୍ୟବସ୍ଥା ଏକ ସମୟରେ କରାଯିବା ସହ ମାତୃଭାଷାକୁ ବାଧ୍ୟତାମୂଳକ ଭାବେ ଗୋଟିଏ ବିଷୟକୁ ରଖି ଅନ୍ୟ ଭାଷାକୁ ଗୁରୁତ୍ୱ ଦେଲେ ବୋଧହୁଏ ଏହି ସମସ୍ୟାର ସମାଧାନ ହୋଇପାରନ୍ତା।

## ■ ଅକ୍ଷରେ ଅନ୍ନପୂର୍ଣ୍ଣା ମହାନ୍ତି



ନାମ - ଅନ୍ନପୂର୍ଣ୍ଣା ମହାନ୍ତି
ଜନ୍ମ- ୭ ମେ ୧୯୫୩
ପିତା- ମହେନ୍ଦ୍ର ମହାନ୍ତି
ମାତା- ତିଲୋତ୍ତମା ମହାନ୍ତି
ସ୍ୱାମୀ ଦେବେନ୍ଦ୍ର କୁମାର ରାୟ
ଠିକଣା- ମାଧପୁର, କେନ୍ଦ୍ରାପଡା

**ପ୍ରକାଶିତ ପୁସ୍ତକ (କବିତା)**

୧) ରୁଟି ଓ ରତ
୨) ପାଦସ୍ପର୍ଶ
୩) ନୀଳ ନଦୀର ଲୁହ
୪) ନୀଳମେଘ
୫) ଏକାଏକା
୬) ସାରା ସ୍ୱପ୍ନ
୭) ଦେହ ବିଦେହ
୮) ଦୀପ କଣ ବେଶି ଜଳେ ନାରୀଠାରୁ
୯) ଆତ୍ମଧ୍ୱନି
୧୦) ପଦ୍ମ ପାପୁଲି

**(ଗଳ୍ପ)**

୧) ନିଶବ୍ଦ ବାତ୍ୟା
୨) ମୁହୂର୍ତ୍ତକର ମୋକ୍ଷ
୩) ମାଟି କଣ୍ଢେଇ
୪) ସ୍ୱପ୍ନ ବାହାରେ ଜୀବନ

ସହ ୭ଟି ଗଳ୍ପ ପୁସ୍ତକ, ୨ଟି ଉପନ୍ୟାସ ଓ ୯ଖଣ୍ଡ ଅନୁବାଦ ପୁସ୍ତକ ପ୍ରକାଶିତ

■ ଅନୁବାଦ ବିଭାଗରେ କାମ କଲାବେଳେ ଲାଗିଛି ଆପଣ ଯେଉଁସବୁ କୃତିକୁ ବୃହତ୍ ପାଠକ ସମାଜ ଆଗରେ ଠିଆ କରୁଛନ୍ତି ସେସବୁ ଓଡ଼ିଆ ସାହିତ୍ୟର ପାଠକଙ୍କ ଜୀବନକୁ ପ୍ରଭାବିତ କରିପାରିବ ?

■■ ଅନୁବାଦ ସାହିତ୍ୟକୁ ଓଡ଼ିଆ ଭାଷାରେ ମର୍ମାନୁବାଦ କରିବାକୁ ପଡ଼େ। ପ୍ରାୟ ମୂଳ ଉପନ୍ୟାସ ଗୁଡ଼ିକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଏମ୍‌ବିଟି ଦ୍ୱାରା ପ୍ରକାଶିତ କିଛି ମୂଲ୍ୟବାନ ବହିକୁ ଓଡ଼ିଆରେ ମର୍ମାନୁବାଦ କଲାବେଳେ ଲାଗେ ଏହାର ଉପାଦେୟତା ଓଡ଼ିଆ ଭାଷା ପାଇଁ ରହିଛି । ସେଥି ମଧ୍ୟରୁ ନରେନ୍ଦ୍ର ଜଏନ୍‌ଙ୍କର ସୁନୀତା, ଶ୍ରୀକୃଷ୍ଣ ଖୋଟବାଣୀଙ୍କର 'ୟାଦ୍ ହି କା ପ୍ୟାରଜୀ' ଏବଂ 'ଓ ସାତ୍ ଦିନ' ଉପନ୍ୟାସ ଗୁଡ଼ିକ ସବୁ ଭାଷା ପାଇଁ ପ୍ରତିନିଧି ସ୍ଥାନୀୟ ପୁସ୍ତକ ଏହା ଓଡ଼ିଆ ଲେଖକ ଓ ପାଠକମାନଙ୍କୁ ନିଶ୍ଚିତ ଭାବରେ ପ୍ରେରଣା ଦେବ ।

■ ଆମେ ପ୍ରତିବେଶୀ ସାହିତ୍ୟକୁ ଯେତିକି ଗୁରୁତ୍ୱ ଦେଉଛୁ, ପ୍ରତିବେଶୀମାନେ ଆମ ସାହିତ୍ୟକୁ ସେତିକି ଗୁରୁତ୍ୱ ଦେଉନଥିବାର ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ଓଡ଼ିଆ ସାହିତ୍ୟ ଜାତୀୟ ସ୍ତରରେ ସାମିଲ ହୋଇପାରିବ ?

■■ ଅଭିଯୋଗଟି ସମ୍ପୂର୍ଣ୍ଣ ଅମୂଳକ ନୁହେଁ । ଆମ ସର୍ବ ଭାରତୀୟ ଭାଷାର ପୁରସ୍କୃତ ପୁସ୍ତକ ଗୁଡ଼ିକ ଅନୁବାଦ କରି ଗୌରବାନ୍ୱିତ ମଣୁଥିଲା ବେଳେ ବୋଧହୁଏ ସେମାନେ ଆମ ଓଡ଼ିଆ ଭାଷାର ପ୍ରଥିତଯଶା ଲେଖକଙ୍କର ଉପନ୍ୟାସ ଗଳ୍ପକୁ ଅନୁବାଦ କରିବାର ନଜିର ମୋ ଆଖିରେ ପଡ଼ିନାହିଁ । ଯଦିଓ ଓଡ଼ିଆ ପୁରସ୍କୃତ ଗଳ୍ପ, ଉପନ୍ୟାସ ସର୍ବମାନ୍ୟତା ଦାବି ରଖେ । ତେବେ କିଛି ଲୋକପ୍ରିୟ ଲେଖା ସର୍ବ ଭାରତୀୟ ଭାଷାରେ ଅନୁବାଦ ହୋଇଛି।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?


■■ କେହି ସାଧକ ପୁରସ୍କାର କଥାକୁ ଆଖି ଆଗରେ ରଖି ଲେଖେ ନାହିଁ । ସୌଭାଗ୍ୟ ବଶତଃ ଭଲ ଲେଖାଟିଏ ଠିକ୍ ଲୋକଙ୍କର ନଜରରେ ପଡ଼ିଲେ ତାର ମୂଲ୍ୟବୋଧ ବଢ଼ିଯାଏ । ସାଂପ୍ରତିକ ସମୟରେ ଯେଉଁ ଧରଣର ପୁରସ୍କାରକୁ ନେଇ ଛକାପଞ୍ଝା ପ୍ରିୟାପ୍ରୀତି, ଦେଣ ନେଣ ଓ ସର୍ବୋପରି ରାଜନୀତିର ଖେଳ ଚାଲିଛି ସେଠାରେ ନିରପେକ୍ଷତା ଅଥବା ନ୍ୟାୟ ଆଶା କରିବା ବୃଥା । ପୁରସ୍କାରଟିଏ ମିଳିଲେ ସାହିତ୍ୟିକଟିଏ ଉତ୍ସାହିତ ହୁଏ, ମୁଁ ଆଗରୁ କହିଛି। ବର୍ତ୍ତମାନ ଇଲେକ୍ଟ୍ରୋନିକ ମିଡିଆ ଯୁଗରେ ଓ ଇଂରାଜୀ ମୋହ ଥିବା ଶିକ୍ଷା ବ୍ୟବସ୍ଥାରେ ଓଡ଼ିଆ ପାଠକଙ୍କ ସଂଖ୍ୟା କମିବାରେ ଲାଗିଛି। ସାହିତ୍ୟକୁ ଜନସାଧାରଣଙ୍କ ଭାଷାରେ ସହଜ ସରଳ ବୋଧଗମ୍ୟ କରି ସେମାନଙ୍କର ଜୀବନ କାହାଣୀକୁ ଲେଖିଲେ, ପୁସ୍ତକ ଗୁଡ଼ିକୁ ଅଳ୍ପ ଦାମ୍‌ରେ ସେମାନଙ୍କର ପାଖରେ ପହଞ୍ଚିବାର ବ୍ୟବସ୍ଥା କରାଗଲେ ମୁଁ ଭାବୁଛି ସାହିତ୍ୟ ଗଣ ସାହିତ୍ୟରେ ପରିଣତ ହେବ । ♥♥



ସ୍ୱାମୀଙ୍କ ସହ ଅନ୍ନପୂର୍ଣ୍ଣା...




ନିଜ ବିବାହ ବାର୍ଷିକୀ ପାଳନ ଅବସରରେ ପରିବାର ସହ କବି...




ପୁସ୍ତକ ଉନ୍ମୋଚନ ସଭାରେ ଅନ୍ନପୂର୍ଣ୍ଣା ମହାନ୍ତି ...



ସାହିତ୍ୟ ସଭାରେ ଅନ୍ନପୂର୍ଣ୍ଣା ...



ସୁଖୀ ପରିବାର : ନିଜ ପରିବାର ସଦସ୍ୟଙ୍କ ସହ କବି, କଥାକାର ତଥା ଅନୁବାଦିକା ଅନ୍ନପୂର୍ଣ୍ଣା ମହାନ୍ତି ।



ସମ୍ବର୍ଦ୍ଧିତ ହେବାର ସ୍ମରଣୀୟ ମୁହୂର୍ତ୍ତ....

## ପ୍ରଥମ ବିଦେଶ ଯାତ୍ରା

# ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି

ଭାଗ-୩୫



ଡଙ୍ଗା ଉପରୁ ନଈପଠା ଉପରକୁ ପଡିଥାଏ ଗୋଟିଏ ପଟା । ତାଆରି ଉପର ଦେଇ ଆମେ ଯାଉ ଡଙ୍ଗା ଉପରକୁ । ମାମୁଁ ପ୍ରଥମେ ଡଙ୍ଗା ଭିତରକୁ ଉଠିଯାଇ ଆମର ହାତ ଧରି ଟାଣି ନିଅନ୍ତି ଡଙ୍ଗା ଉପରକୁ । ପାଣି ଭିତରେ ଛୋଟିଆ ଡଙ୍ଗା ଦୋହଲୁଥାଏ । ଚଢିବା ସମୟରେ ବାମଡାହାଣ ଅଧିକ ଜୋରରେ ଦୋହଲେ ଡଙ୍ଗା । ଆମକୁ ଭାରି ଭୟଲାଗେ । ସେତେବେଳେ ଠାକୁରବାଡି ମାମୁଁଘର ଗାଁକୁ ଯିବାର ତାହା ଥିଲା ଏକମାତ୍ର ଉପାୟ । ହେଲେ ଏବେ ସୁବର୍ଣ୍ଣରେଖା ନଦୀ ଉପରେ ତିଆରି ହୋଇଛି ବିରାଟ ପୋଲ । ଯାହା ଝାଡଗ୍ରାମକୁ କଲିକତା ସହର ସହିତ ସଂଯୁକ୍ତ କରୁଛି ।

ବିରାଟ ବିରାଟ ଫେରୀସବୁ ଲାଗିଥିଲା କୂଳରେ । ନ୍ୟୁଜର୍ଶୀ ସିଟିର ଲିବର୍ଟି ଷ୍ଟେଟ ପାର୍କରୁ ଫେରୀସବୁ ଯାଉଥିଲା ଷ୍ଟାଚ୍ୟୁ ଅଫ ଲିବର୍ଟି ଥିବା ଲିବର୍ଟି ଦ୍ୱୀପକୁ ।ହଡସନ ନଦୀ କୂଳରେ 'ଷ୍ଟାଚ୍ୟୁ ସିଟି କ୍ରୁଜ' କମ୍ପାନୀର ଫେରୀସବୁ ଲାଇନ ହୋଇ ଥୁଆ ହୋଇଥିଲା । ଏହି କମ୍ପାନୀ ଫେରୀ ଚଳେଇବା ପାଇଁ ଏକ ଲାଇସେନ୍ସ ପ୍ରାପ୍ତ ସରକାରୀ ସଂସ୍ଥା ।ନ୍ୟୁଜର୍ଶୀରୁ ଷ୍ଟାଚ୍ୟୁ ଅଫ ଲିବର୍ଟି ଦେଖିବାକୁ ଯାଉଥିବା ଟୁରିଷ୍ଟମାନଙ୍କୁ ଏଇଠାରୁ ଧରିବାକୁ ହୁଏ ଫେରୀ । କୂଳରେ ଲାଗିଥିବା ଫେରୀସବୁ କ୍ରମାନ୍ୱୟରେ ଲୋକଙ୍କୁ ଧରି କୂଳ ଛାଡୁଥିଲେ । ଆମ ପାଇଁ ଉଦ୍ଦିଷ୍ଟ ଫେରୀରେ ଚଢିଲୁ ଆମେ । ଫେରୀଟିକୁ ଏକ ବିରାଟ ଡଙ୍ଗା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଆମର ମାମୁଁଘର କହିଲେ ମାଆଙ୍କର ମାମୁଁଘରକୁ ବୁଝାଉଥିଲା । ମୋର ଆଈ ଯାହାଙ୍କୁ ଆମେ ଦିଦିମା' ବୋଲି କହୁଥିଲୁ ଖୁବ କମ ବୟସରେ ସ୍ୱାମୀଙ୍କୁ ହରାଇ ନିଜର ବାପଘରେ ଅର୍ଥାତ ମାଆଙ୍କର ମାମୁଁଘରେ ଆଶ୍ରୟ ନେଇଥିଲେ । ଛୋଟବେଳେ ଆମେ ଯେତେବେଳେ ମାମୁଁଘରକୁ ଯାଉଥିଲୁ ମାମୁଁଘରେ ପହଞ୍ଚିବାକୁ ଆମକୁ ସୁବର୍ଣ୍ଣରେଖା ନଦୀ ପାରି ହେବାକୁ ପଡୁଥିଲା । ତାହା ପୁଣି ଡଙ୍ଗାରେ । ସେଇଟା ଥିଲା ମୋର ପ୍ରଥମ ଡଙ୍ଗାଯାତ୍ରା । ମାଆଙ୍କର ମାମୁଁଘର ଗୋପୀବଲ୍ଲଭପୁର ଥିଲା ବିଚ୍ଛିନ୍ନାଞ୍ଚଳରେ ଯାହା ବର୍ତ୍ତମାନ ପଶ୍ଚିମବଙ୍ଗର ଝାଡଗ୍ରାମ ଜିଲ୍ଲାରେ ଅବସ୍ଥିତ । କିନ୍ତୁ ୨୦୧୭ ପୂର୍ବରୁ ତାହା ପଶ୍ଚିମ ମେଦିନୀପୁର ଜିଲ୍ଲା ଅଧୀନରେ ଥିଲା । ସେତେବେଳେ ଝାଡଗ୍ରାମ ଜିଲ୍ଲା ନ ଥିଲା । ସ୍ୱାଧୀନତା ପୂର୍ବରୁ ଏହା ଜଳେଶ୍ୱର ସରକାରଙ୍କ ଦ୍ୱାରା ଶାସିତ ହେଉଥିଲା । ପରେ ଏହା ବାରିପଦା ମହାରାଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଦେବଙ୍କର ଶାସନାଧୀନ ହୋଇଥିଲା । ପଶ୍ଚିମ ମେଦିନୀପୁର ଜିଲ୍ଲା ଅଧୀନରେ ଥିବା ଗୋପୀବଲ୍ଲଭପୁରକୁ 'ଠାକୁରବାଡି' ବୋଲି ମଧ୍ୟ କୁହାଯାଏ । କାରଣ ପୁରାତନ କାଳରୁ ଏଠାରେ ବୈଷ୍ଣବ ଧର୍ମ ପ୍ରଚଳିତ ଥିଲା ଓ ଏଠାରେ କୃଷ୍ଣଙ୍କର ଏକ ଭବ୍ୟ ମନ୍ଦିର ରହିଥିଲା ଯାହାକୁ ମହାପ୍ରଭୁ ଶ୍ୟାମାନନ୍ଦ ପ୍ରତିଷ୍ଠା କରିଥିଲେ । ବୈଷ୍ଣବମାନଙ୍କ ପାଇଁ ଏବେ ମଧ୍ୟ ଏହା ଏକ ପର୍ଯ୍ୟଟନ ସ୍ଥଳୀ ହୋଇରହିଛି । କୁହାଯାଏ ଏଠାରେ ଥିବା ଜମିଦାର ମହାପ୍ରଭୁ ଶ୍ୟାମାନନ୍ଦ ବାରଶ ଖ୍ରୀଷ୍ଟାବ୍ଦ ସମୟରେ ଶ୍ରୀକୃଷ୍ଣଙ୍କର ସ୍ୱପ୍ନାଦେଶ ପାଇ ଯମୁନାନଦୀରୁ ଜଳ ଉତ୍ତୋଳନ କରି ଏଠାରେ ପ୍ରତିଷ୍ଠା କରିଥିଲେ ଶ୍ରୀକୃଷ୍ଣଙ୍କ ପାଇଁ ଉତ୍ସର୍ଗୀକୃତ ବିରାଟ ମନ୍ଦିର ଯାହାକୁ ଠାକୁରବାଡି ବୋଲି କୁହାଯାଏ । ଆଉ ସେଇ ନାମ ଅନୁସାରେ ଏହି ସ୍ଥାନର ନାମକରଣ ହୋଇଛି 'ଠାକୁରବାଡି' । ଏବେ ବି ସେଠାରେ ରହିଛି ରାଧାକୃଷ୍ଣଙ୍କର ଭବ୍ୟ ମନ୍ଦିର ଯାହାକୁ ଗୋସ୍ୱାମୀ ବଂଶଜମାନେ ରକ୍ଷଣାବେକ୍ଷଣ କରୁଛନ୍ତି । ଯଦିଓ ମନ୍ଦିରକୁ ଲାଗିଥିବା ମେଘନାଦ ପାଚେରୀ ପରି ବିରାଟ ପାଚେରୀ ଥିବା କୋଠା ସରକାରୀ ଉଦାସୀନତା ଯୋଗୁଁ ଜୀର୍ଣ୍ଣଶୀର୍ଣ୍ଣ ହୋଇଗଲାଣି । ମନ୍ଦିର ନାମରେ ଥିବା ଜମିବାଡିର ଆୟରୁ ଚାଲିଛି ଠାକୁରଙ୍କର ସେବା ଓ ଗୋସ୍ୱାମୀ ପରିବାରର ପେଟପାଟଣା ।

ଆମେ ମାମୁଁଘର ଗାଁକୁ ଗଲେ ରାଉରକେଲରୁ ଇସ୍ପାତ ଟ୍ରେନେ ଧରି ଯାଉଥିଲୁ ଝାଡଗ୍ରାମ ଯାଏଁ । ଝାଡଗ୍ରାମରୁ ଆରମ୍ଭ ହେଉଥିଲା ପଶ୍ଚିମବଙ୍ଗର ପରିସୀମା । ସେଠାରୁ ବସ ଯୋଗେ ଯିବାକୁ ପଡୁଥିଲା ମାମୁଁଘର ଗାଁକୁ ।ହେଲେ ଗାଁ ପୂର୍ବରୁ ଥିଲା ବିରାଟ ସୁବର୍ଣ୍ଣରେଖା ନଈ । ଗାଁକୁ ପହଞ୍ଚିବା ପାଇଁ ପାରି କରିବାକୁ ପଡୁଥିଲା ସୁବର୍ଣ୍ଣରେଖା ନଈ । ବସ ଅଟକୁଥିଲା ନଦୀକୂଳରେ । ଆମେ ମାଆଙ୍କ ସହିତ ଜିନିଷପତ୍ର ଧରି ଓହ୍ଲାଉଥିଲୁ ବସରୁ । ସେତେବେଳେ ତ ଫୋନର ବ୍ୟବସ୍ଥା ନ ଥିଲା । ଆଗରୁ ଆମେ ଆସିବା କଥା ଚିଠି ଯୋଗେ ଜଣେଇ ଦିଆ ଯାଇଥାଏ । ମାମୁଁ ଆସି ଅପେକ୍ଷା କରିଥାନ୍ତି ବସଷ୍ଟାଣ୍ଡରେ । ଆମେ ଓହ୍ଲେଇବା କ୍ଷଣି ସିଏ ଆମକୁ ନେଇ ଯାଆନ୍ତି 'କୁଠିଘାଟ'ରେ ଲାଗିଥିବା ଡଙ୍ଗା ପାଖକୁ । ପରେ ମାମୁଁଙ୍କ ଠାରୁ ଶୁଣିଥିଲି 'କୁଠିଘାଟ' ନାମକରଣ ବିଷୟରେ । ଇଂରେଜ ଅମଳରେ ଏହି ଘାଟ ନିକଟରେ ଇଂରେଜ ସାହେବଙ୍କର ଏକ ବଙ୍ଗଳା ବା କୋଠି ଥିଲା । ଶୁଣାଯାଏ ଇଂରେଜ ବାହାଦୂରଙ୍କର ସେଇ କୋଠିରେ, ତାଙ୍କର ଆଦେଶକୁ ଅମାନ୍ୟ କରୁଥିବା ଲୋକଙ୍କ ପାଇଁ ଥିଲା ଏକ ଶାସ୍ତିଗୃହ । ଯେଉଁଠୁ ଏବେ ବି ରାତିରେ କୁଆଡେ କେହି ଜଣେ ଗୁମୁରି ଗୁମୁରି କାନ୍ଦୁଥିବାର ସ୍ୱର ଶୁଭେ। ଇଂରେଜମାନେ ଭାରତ ଛାଡି ଚାଲିଯିବା ପରେ ସେହି କୋଠି ପରିତ୍ୟକ୍ତ ହୋଇପଡିଥିଲା । ଏବେ ବି ତାର ଭଗ୍ନାବଶେଷ ରହିଛି ନଦୀକୂଳର ଅନତି ଦୂରରେ । ଆଉ ସେହି କୋଠି ଅନୁସାରେ ସେଇ ନଦୀଘାଟକୁ କୁହାଯାଏ 'କୁଠିଘାଟ' । ହୋୟାଙ୍ଗ-ହୋ ନଦୀକୁ ଚୀନର ଦୁଃଖ କୁହାଯିବା ପରି ସେତେବେଳେ ସୁବର୍ଣ୍ଣରେଖା ନଦୀକୁ ମେଦିନୀପୁରର ଦୁଃଖ ବୋଲି କୁହାଯାଉଥିଲା । କାରଣ ପ୍ରତିବର୍ଷ ସୁବର୍ଣ୍ଣରେଖାରେ ଭୟାବହ ବନ୍ୟା ଆସି ଧୋଇ ନେଉଥିଲା ସବୁକିଛି । ଏବେ ଅବଶ୍ୟ ସେ ସମୟ ଆଉ ନାହିଁ ।

ଡଙ୍ଗା ଉପରୁ ନଈପଠା ଉପରକୁ ପଡିଥାଏ ଗୋଟିଏ ପଟା । ତାଆରି ଉପର ଦେଇ ଆମେ ଯାଉ ଡଙ୍ଗା ଉପରକୁ । ମାମୁଁ ପ୍ରଥମେ ଡଙ୍ଗା ଭିତରକୁ ଉଠିଯାଇ ଆମର ହାତ ଧରି ଟାଣି ନିଅନ୍ତି ଡଙ୍ଗା ଉପରକୁ । ପାଣି ଭିତରେ ଛୋଟିଆ ଡଙ୍ଗା ଦୋହଲୁଥାଏ । ଚଢିବା ସମୟରେ ବାମଡାହାଣ ଅଧିକ ଜୋରରେ ଦୋହଲେ ଡଙ୍ଗା । ଆମକୁ ଭାରି ଭୟଲାଗେ । ସେତେବେଳେ ଠାକୁରବାଡି ମାମୁଁଘର ଗାଁକୁ ଯିବାର ତାହା ଥିଲା ଏକମାତ୍ର ଉପାୟ । ହେଲେ ଏବେ ସୁବର୍ଣ୍ଣରେଖା ନଦୀ ଉପରେ ତିଆରି ହୋଇଛି ବିରାଟ ପୋଲ । ଯାହା ଝାଡଗ୍ରାମକୁ କଲିକତା ସହର ସହିତ ସଂଯୁକ୍ତ କରୁଛି ।

'ଜୋୟ ମା' କାଲୀ' ବୋଲି ହୁରି ପକେଇ ମାଝୀ ଡଙ୍ଗା ଛାଡେ । ଆମେ ଭୟରେ କାକୁସ୍ଥ ହେଇ ବସିଥାଉ । ମାଆ ବି ଚୁପଚାପ ବସିଥାନ୍ତି । ଡଙ୍ଗା ଯାଇ ମଝି ନଈରେ ପାଏ । ମାଝୀ କହୁଥାଏ, ଏଠି ଅକାତକାତ ପାଣି, କାତ ପାଏନା । ଖାଲି ଯାହା ମାଆ ଭରସା । ସିଏ ହିଁ ପାରି ଲଗାନ୍ତି ଆମ ନାଆକୁ ।

ଡଙ୍ଗା ମଝି ନଈରେ ପହଞ୍ଚିଥିବ କି ନାହିଁ ସାନ ଭାଇ ଖୁଜୁରୁବୁଜୁର ଆରମ୍ଭ କରିଦେବ । ଚୁପ୍‌ଚାପ୍ ହେଇ ବସିଥିବା ମାଆଙ୍କୁ ଖାଲି ଖେଞ୍ଚିବ । କହିବ, ମାଆ, ଆଉ କେତେ ସମୟ ଲାଗିବ ? ମୋତେ ଭୋକ କଲାଣି । ଆହୁରି ରିଝିଲା ହେଇ କହିବ, ମାଆ ମୋତେ ଡର ଲାଗୁଛି । ଡଙ୍ଗା ପାଣିରେ ବୁଡିଯିବନି ତ ? ମାଆ ତା ପାଟିକୁ ହାତରେ ଚିପି ଧରିବେ । କହିବେ, ଡଙ୍ଗାରେ ବସି ସେମିତି କୁହନ୍ତିନି । ଜଳଦେବତା ରାଗିବେ । ନାଉରିଆ ରାଗରେ ଆଖି ଲାଲ କରି ଅନେଇବ ତାକୁ । ଭାଇ ଡରରେ ମୁହଁ ଲୁଚେଇବ ମାଆଙ୍କ ପଣତକାନି ତଳେ ।



ମୁଁ ଏମିତି ଅତୀତର ଭଉଁରୀ ତଳେ ତଳେଇ ଯାଉଥିଲା ବେଳେ ମିକି ମୋତେ ହଲେଇ ଦେଇ କହିଲା, ମମି, କୋଉଠି ବସିବା । ଭିତରେ ନା ବାହାରେ ।

ଏବେ ମୁଁ ବର୍ତ୍ତମାନକୁ ଫେରି ଆସିଲି। ସମସ୍ତ ପେସେଞ୍ଜର ଫେରୀରେ ଚଢି ସାରିଥିଲେ । ଏବେ ଲଙ୍ଗର ଉଠା ସରିଥିଲା। ଲୋକମାନେ ଚଢିବା ପାଇଁ ପଡିଥିବା ରବର ନିର୍ମିତ ରାସ୍ତାକୁ ଖୋଲି ଫେରୀରେ ରଖା ସରିଥିଲା । ଚାରି/ପାଞ୍ଚ ଜଣ ଗୋରା ଗୋରା ବିରାଟକାୟ ଲୋକ ଏସବୁ କାମ କରୁଥିଲେ। ପରିଶ୍ରମ ଯୋଗୁଁ ସେମାନଙ୍କ ଚେହେରା ଲାଲ ପଡି ଯାଇଥିଲା । ଦେହରୁ ଫିଟି ପଡୁଥିଲା ଗମ୍ ଗମ୍ ଝାଳ । ଫେରୀର କ୍ୟାପଟେନ ନିଜର ହେମ ବା ବ୍ରିଜରେ ବସି ସାରିଥିଲା । ଯାହା ଥିଲା ଫେରୀର ନିୟନ୍ତ୍ରଣ କକ୍ଷ । ଫେରୀ ହଡସନ ନଦୀ ଭିତରେ ସିଆର କାଟି ଚାଲିବାକୁ ଆରମ୍ଭ କରିଥିଲା ।

ମୁଁ ବୁଲି ଚାହିଁଲି ଚାରିଆଡେ । ଫେରୀଟି ଥିଲା ତିନି ମହଲା ବିଶିଷ୍ଟ । ଚାରିପଟେ ଥିଲା ବିରାଟ ଖୋଲା ଜାଗା । ଯେଉଁଠି ଲାଇନ ଲାଇନ ହେଇ ପଡିଥିଲା ବେଞ୍ଚ। ଫେରୀର ଫନ୍ଦକୁ ଲାଗି ଗୋଲାକାରରେ ମଧ୍ୟ ପଡିଥିଲା ବେଞ୍ଚ । ଯିଏ ଯେଉଁଠି ଚାହିଁବ ବସିପାରିବ । ସିଗଲ ବା ପାଣିକୁଆ ଦଳ ଦଳ ହୋଇ ଘୁରି ବୁଲୁଥିଲେ ମୁଣ୍ଡ ଉପରେ । ବିଭିନ୍ନ ରଙ୍ଗର ଟିକି ଟିକି ଚଢେଇ ସବୁ ଦୋଳି ଖେଳୁଥିଲେ ପାଣିର ଢେଉରେ । ଫେରୀର ଘର୍ଘର ଶବ୍ଦରେ ଉଡି ଯାଉଥିଲେ , ପୁଣି ଘୁରି ଆସି ବସି ପଡୁଥିଲେ ପାଣି ଉପରେ । ଖେଳୁଥିଲେ ଉଠାପକା ଖେଳ ଢେଉ ସହିତ । ଫେରୀର ମଝିଆ ମଝି ଥିଲା ତିନି ମହଲା ବିଶିଷ୍ଟ କୋଠା । ଭିତରକୁ ଯିବା ପାଇଁ ଥିଲା ସିଡି । ସିଡିରେ ଚଢି ତୁମେ ଉପରକୁ ଯାଇ ପାରିବ । ପ୍ରଥମ ତଳକୁ ଆମେ ଗଲୁ । ସେଠାରେ ଥିଲା ସ୍ନାକ୍ସ ବାର । ଯେଉଁଠି ମିଳୁଥିଲା ବିଭିନ୍ନ ପ୍ରକାରର ସ୍ନାକ୍ସ, କଫି, କୋଲ୍‌ଡ ଡ୍ରିଂକ୍ସ, ବିଅର ଇତ୍ୟାଦି । ସ୍ନାକ୍ସ ବାର ସାମ୍ନାରେ ମଧ୍ୟ ଥିଲା ଧାଡି ଧାଡି ହୋଇ ବେଞ୍ଚ । ଯେଉଁଠି ବସି ବାହାରର ଦୃଶ୍ୟ ଦେଖିହେବ । ବାହାରେ ସାଇଁ ସାଇଁ ହୋଇ ଥଣ୍ଡା ପବନ ପିଟୁଥିଲା । ଭିତରେ ଥିଲା ବଡ ବଡ କାଚ ଝରକା, ଯାହା ମଧ୍ୟ ଦେଇ ବାହାରର ଦୃଶ୍ୟ ପରିଷ୍କାର ଦିଶୁଥିଲା । ଆମେ ଆହୁରି ଉପର ମହଲାକୁ ଗଲୁ । ସେଠି ଅନେକ ଲୋକ ଛିଡା ହୋଇ ମୋବାଇଲରେ ଫଟୋ ଉଠାଉଥିଲେ, ଭିଡିଓ କରୁଥିଲେ। ଦୂରରୁ ଷ୍ଟାଚ୍ୟୁ ଅଫ ଲିବର୍ଟି ଦିଶୁଥିଲା କାଣୀ ଆଙ୍ଗୁଠି ଆକାରର ।

'ଷ୍ଟାଚ୍ୟୁ ସିଟି କ୍ରୁଜ' ହେଉଛି ଏକମାତ୍ର ସରକାରୀ ସ୍ୱୀକୃତି ପ୍ରାପ୍ତ କମ୍ପାନୀ ଯାହା ଆମେରିକାର ଜାତୀୟ ପାର୍କ ସର୍ଭିସେସ ଅଧୀନରେ କାମ କରେ ଓ ସେଠାକୁ ଆସୁଥିବା ଆଗନ୍ତୁକମାନଙ୍କୁ ଷ୍ଟାଚ୍ୟୁ ଅଫ ଲିବର୍ଟି ଯାଏଁ ନେବାଆଣିବା କରିଥାଏ । ଏହି ଫେରୀସବୁ ଷ୍ଟାଚ୍ୟୁ ଅଫ ଲିବର୍ଟି ଯିବା ବାଟରେ ଅଟକନ୍ତି ଏଲିସ ଦ୍ୱୀପରେ । ଏଲିସ ଦ୍ୱୀପରେ ପହଞ୍ଚିବା ପାଇଁ ଫେରୀକୁ ପ୍ରାୟ ପନ୍ଦର ମିନିଟ ସମୟ ଲାଗେ । ଏଠାକୁ ଯିବା ପାଇଁ କିଛି ଅଧିକ ପଇସା ଦେବାକୁ ପଡେ ନାହିଁ । ଏହି ଫେରୀରେ ଯିବା ପାଇଁ ଜଣ ପିଛା ପ୍ରାୟ ୬୦ ଡଲାର ଖର୍ଚ୍ଚ କରିବାକୁ ପଡେ । ଲିବର୍ଟି ଷ୍ଟେଟ ପାର୍କରୁ ଏଲିସ ଦ୍ୱୀପ ଦେଇ ଷ୍ଟାଚ୍ୟୁ ଅଫ ଲିବର୍ଟି ଓ ସେଠାରୁ ପୁଣି କୂଳକୁ ଫେରିବା ଅର୍ଥାତ ରାଉଣ୍ଡ ଟ୍ରିପ । କୂଳ ଠାରୁ ଷ୍ଟାଚ୍ୟୁ ଅଫ ଲିବର୍ଟିର ଦୂରତା ହେଉଛି ପ୍ରାୟ ନଅ ମାଇଲ । ଯାହାକୁ ପୁରା କରିବାକୁ ଫେରୀକୁ ଲାଗେ ତିରିଶ ମିନିଟ ସମୟ । ଷ୍ଟାଚ୍ୟୁ ସିଟି କ୍ରୁଜର ଭିନ୍ନ ଭିନ୍ନ ଫେରୀ ରହିଛି ଯେମିତିକି ଲେଡି ଲିବର୍ଟି , ମିସ ଫ୍ରିଡମ , ମିସ ଗେଟୱେ ଓ ଏଲିସ ଆଇଲ୍ୟାଣ୍ଡ । ଏହି ଫେରୀଗୁଡିକରେ ଏକ ସମୟରେ ୪୩୯ ଠାରୁ ଆରମ୍ଭ କରି ୮୭୦ ଯାଏଁ ଟୁରିଷ୍ଟ ଯାତ୍ରା କରିପାରିବେ । ଆମର ଫେରୀର ନାମ ଥିଲା 'ଲେଡି ଲିବର୍ଟି' ଯେଉଁଥିରେ ୮୭୦ ଜଣ ବସିପାରିବେ । ଏହା ଥିଲା ସବୁଠାରୁ ବଡ ଫେରୀ ।

ଆଉ ଏକ ପ୍ରକାର ଫେରୀ ଥିଲା ଯାହାକୁ କୁହା ଯାଉଥିଲା ସର୍କଲ ଲାଇନ କ୍ରୁଜ । ଏଥିରେ ଯାତ୍ରା କରିବା ପାଇଁ କୌଣସି ଦେୟ ଦେବାକୁ ପଡେ ନାହିଁ । ଏହି କ୍ରୁଜ କୌଣସି ଦ୍ୱୀପରେ ନ ଅଟକି କେବଳ ହଡସନ ନଦୀରେ ଘୁରି ବୁଲେ ଓ ଚାରିପଟେ ଥିବା ପ୍ରକୃତିକ ଶୋଭାକୁ ଦେଖାଏ । ଏହି କ୍ରୁଜରୁ ଜଣେ ଚାହିଁଲେ ଏଲିସ ଦ୍ୱୀପ, ଷ୍ଟାଚ୍ୟୁ ଅଫ ଲିବର୍ଟି ଓ ନ୍ୟୁୟର୍କ ସ୍କାଇଲାଇନକୁ ଦେଖିପାରିବ କ୍ରୁଜରେ ଥାଇ ।

ଆମର ଫେରୀ ପହଞ୍ଚି ଯାଇଥିଲା ଏଲିସ ଦ୍ୱୀପରେ । ଏଲିସ ଦ୍ୱୀପକୁ ଗେଟୱେ ଅଫ ନ୍ୟୁୟର୍କ ବା ନ୍ୟୁୟର୍କର ଦ୍ୱାର ବୋଲି କୁହାଯାଏ । ତାହାର କାରଣ ମଧ୍ୟ ରହିଛି । ୧୮୮୦ ରୁ ୧୯୫୪ ମଧ୍ୟରେ ସାରା ପୃଥିବୀର ପ୍ରାୟ ଏକ କୋଟି କୋଡିଏ ଲକ୍ଷ ଆପ୍ରବାସୀ ଏହି ପଥ ଦେଇ ପ୍ରବେଶ କରିଛନ୍ତି ଆମେରିକା ଭିତରକୁ । ଏହି ଦ୍ୱୀପ ବିଷୟରେ ଶୁଣି ତାକୁ ତନ୍ନ ତନ୍ନ କରି ଦେଖିବାର ଆଗ୍ରହ ମୋର ବଢି ଯାଇଥିଲା । ଫେରୀର କ୍ୟାପଟେନ ଘୋଷଣା କରିଥିଲେ ଯେ, ଏଲିସ ଦ୍ୱୀପରେ ବୁଲିବାର କୌଣସି ସମୟ ସୀମା ନାହିଁ । ତୁମେ ଯେଉଁ ଫେରୀରେ ଆସିଛ ସେହି ଫେରୀରେ ଫେରିବ ସେମିତି ମଧ୍ୟ ନୁହେଁ । ତେଣୁ ଜଣେ ଚାହିଁଲେ ମନ ଶାନ୍ତିରେ ଏଠାରେ ସାରା ଦିନ ବୁଲାବୁଲି କରିପାରିବ । ଯେତେବେଳେ ଚାହିଁବ ଷ୍ଟାଚ୍ୟୁ ଅଫ ଲିବର୍ଟି ପାଇଁ ଏଠାରୁ ନେଇ ପାରିବ ଫେରୀ । ଥରେ ଟିକେଟ କଲା ପରେ ତୁମକୁ କୂଳକୁ ଫେରେଇନେବା ଦାୟିତ୍ୱ ହେଉଛି ଫେରୀର। ତୁମେ ଯେତେବେଳେ ଚାହିଁବ ଫେରିପାରିବ।

ଆମେ ତିନି ଜଣ ଫେରୀରୁ ଓହ୍ଲେଇ ଏଲିସ ମାଟିରେ ପାଦ ଦେଲୁ । କାହିଁକି କେଜାଣି ଏକ ଅପୂର୍ବ ଶିହରଣ ଖେଳିଗଲା ଦେହ ଓ ମନରେ । ସାମ୍ନାରେ ଏଲିସ ଦ୍ୱୀପ। ଯିଏ ଆମକୁ କୋଳେଇ ନେବାକୁ ହାତ ଠାରି ଡାକୁଥିଲା । ଆମେ ଧୀରେ ଧୀରେ ଆଗେଇଲୁ ସେଇ ଦିଗରେ ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬



## ସଦ୍‌ଗୁରୁଙ୍କୁ ପାଇ ମଧ୍ୟ ଜୀବନ ଫୁଟି ଉଠେନା କାହିଁକି ?

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପ୍ରଫେସର ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ। ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି। ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ। ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର। ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ। ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି। ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧ୍ୟାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ। ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ। ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି। କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ।

କଥା ପ୍ରସଙ୍ଗରେ ଜଣେ ଜିଜ୍ଞାସା କଲେ - ସଦଗୁରୁଙ୍କୁ ପାଇ ମଧ୍ୟ ଅନେକଙ୍କର ଜୀବନ ସେଭଳିଆ ଫୁଟି ଉଠେ ନାହିଁ। ସେଠାରେ କ'ଣ ବୁଝିବାକୁ ହେବ, ସେ ଠିକ ମତ ଧରି ନାହିଁ? ଶ୍ରୀ ଶ୍ରୀ ଠାକୁର - ତାର ମାନେ ସେ ପାଇନାହିଁ, ସଦଗୁରୁ ତାର ପ୍ରାପ୍ତ ହୋଇ ନାହିଁ। ଆପ୍ତ ହୋଇ ନ ଉଠିଲେ ସେ ଇଷ୍ଟାର୍ଥ ପରାୟଣ ହୋଇ ଉଠେନା। ଉକ୍ତ ବ୍ୟକ୍ତି - ଅନୁରାଗ ଛାଡ଼ା ସେ କ'ଣ ଅନ୍ୟ ଭାବରେ ଆପ୍ତ ହୁଅନ୍ତି ନାହିଁ ? କେହି ଯଦି ଆର୍ତ୍ତ ହୁଏ ? ଶ୍ରୀ ଶ୍ରୀ ଠାକୁର - ଯେମିତି କଲେ ଆପ୍ତ ହୁଏ, ସେମିତି ନ କଲେ କି ଆପ୍ତ ହେବ ? ଆର୍ତ୍ତ ହୋଇ ଆପ୍ତ ମନେ କଲେ ଦୁଇ ପଇସା ପାଇ ହିଁ ଖୁସି ହୋଇଯାଏ। ତାଙ୍କ ପାଇଁ କରିବାର ନିଶା ହୁଏ ନାହିଁ। ଅନୁରାଗ ବ୍ୟତୀତ କ'ଣ ହୁଏ ? କାହାର ଅନୁରାଗ ଯଦି ଗଜାଏ, ଆଉ ସେ ଯଦି ଜଣେ ବିରାଟ ମଣିଷ ବି ହୁଏ, ଏବଂ ତିନି ବେଳା ଯଦି ସେ ଜୋତା ବି ଖାଏ, ତଥାପି ପାଖରେ ଥିଲେ କେତେ ଲୋକ ତାଙ୍କୁ କେତେ ଲାଞ୍ଛନା, ଅପମାନ କରିଛନ୍ତି। କେତେ ସନ୍ଦେହ କରିଛନ୍ତି କିନ୍ତୁ ସେ ତାଙ୍କର ଇଷ୍ଟାର୍ଥପରାୟଣ ଉଦ୍ଦେଶ୍ୟରୁ ଏକ ଚୂଳ ବି ନଡ଼ି ନାହିଁ। ଏହାକୁ କୁହାଯାଏ ଆପ୍ତ ହେବା। ଏହାକୁ କୁହାଯାଏ ଅନୁରାଗ। (ଆ:ପ୍ର:୨୦/ ୨୨.୧୦.୧୯୫୧)।

ସଦଗୁରୁଙ୍କ ସୂକ୍ଷ୍ମଶକ୍ତି ଅନେକ ଭୂମିକା ନିର୍ବାହ କରେ। କିନ୍ତୁ ସେ ସବୁକୁ ସାଧାରଣ ସ୍ଥୂଳଭାବେ ବ୍ୟାଖ୍ୟା କରିବା ସହଜ ନୁହେଁ। ସଂକ୍ଷେପରେ କେବଳ ଏତିକି କୁହାଯାଇପାରେ ଯେ, ଭକ୍ତ ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ପର୍ଯ୍ୟାୟରେ ସଦଗୁରୁ ତାଙ୍କ ଦିବ୍ୟଶକ୍ତିର ପ୍ରୟୋଗ କରିଥାନ୍ତି। ପରିଶେଷରେ ଗୁରୁ ହିଁ ଶିଷ୍ୟକୁ ନିଜ ପ୍ରତି ଆକର୍ଷିତ କରିଥାନ୍ତି। ଏଥିପାଇଁ ଗୁରୁ ହିଁ ଉପଯୁକ୍ତ ସମୟ ଓ ଉପଯୁକ୍ତ ପ୍ରଣାଳୀ ନିର୍ଣ୍ଣୟ କରିଥାନ୍ତି। ଗୁରୁଙ୍କର ଏହି ଶକ୍ତି, ଶିଷ୍ୟ ନିକଟରେ ଭାବନାର ତରଙ୍ଗ ଦେଇ ପହଞ୍ଚ ଯାଏ। ଏହି ତରଙ୍ଗର ସ୍ପର୍ଶରେ ଶିଷ୍ୟ ଆହ୍ଲାଦିତ ହୋଇପଡ଼େ ଏବଂ ଗୁରୁଙ୍କ ପ୍ରତି ଆକର୍ଷିତ ହୋଇଯାଏ। ଯାହାଫଳରେ ସଦଗୁରୁଙ୍କ ସାନ୍ନିଧ ଲାଭ ପାଇଁ ତା' ଭିତରେ ପ୍ରବଳ ଉତ୍କଣ୍ଠା ଜାଗେ। ହୃଦୟରେ ଏହି ବିଶୁଦ୍ଧ ନବପୁଲକ ଜାତ ହେଲେ, ସେ ଗୁରୁଙ୍କର ଆହୁରି ନିକଟତର ହୋଇଯାଏ। ତାପରେ ପରିସ୍ଥିତି ଏପରି ହୁଏ, ଯେତେବେଳେ ଶିଷ୍ୟ ଆପଣାଛାଏଁ ଗୁରୁଙ୍କ ନିକଟକୁ ଟାଣି ହୋଇଯାଏ। ବେଳେବେଳେ ଗୁରୁ ତାଙ୍କର ଭାବନା ତରଙ୍ଗ ମାଧ୍ୟମରେ ଶିଷ୍ୟକୁ ଏହି ଆକର୍ଷଣର ବାର୍ତ୍ତା ପ୍ରେରଣ କରିଦେଇ ତା'ର ଆଗମନ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି। ଗୁରୁ ଏବଂ ଭକ୍ତଙ୍କ ମଧ୍ୟରେ ଏହିପରି ସଂପର୍କ ସ୍ଥାପିତ ହୋଇଯିବାପରେ ଗୁରୁ ଯେଉଁଠି ଥାଆନ୍ତୁନା କାହିଁକି, ସଦାସର୍ବଦା ଶିଷ୍ୟକୁ ନିଜ ତୀକ୍ଷଣ ଦୃଷ୍ଟିରେ ରଖିଥାନ୍ତି। ଗୁରୁ ଶିଷ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ଅବହିତ ଥିବାରୁ ସେ ତାକୁ ବିଭିନ୍ନ ଭାବରେ ସାହାଯ୍ୟ କରିବାକୁ ଆରମ୍ଭ କରନ୍ତି। ସଦଗୁରୁ ଏହି ସମସ୍ତ କାର୍ଯ୍ୟ ସହ ଭକ୍ତର ଭୌତିକ ଓ ମାନସିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରନ୍ତି। ଯାହାଫଳରେ ଶିଷ୍ୟର ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ ହୁଏ। ସେ ମଧ୍ୟ ଶିଷ୍ୟକୁ ବିପଦ ସମୟରେ ସାହାଯ୍ୟ ଓ ସୁରକ୍ଷା ପ୍ରଦାନ କରିଥାନ୍ତି।

♥ ପ୍ରତିରକ୍ତିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, କଟକ ବଡ଼ମେଡ଼ିକାଲ,
ମୋ : ୯୪୩୭୦୫୧୯୫୭

## 'ନୀରବତାରେ ଶାନ୍ତି'

ଡାକ୍ତର ରାମ ପ୍ରସାଦ ରାୟ



ଶାନ୍ତି ମୌନ। ଆତ୍ମା ମୌନ। ମୌନ ହେଉଛି ବ୍ରହ୍ମଙ୍କ ଭାଷା। ମୌନ ହେଉଛି ହୃଦୟର ଭାଷା। ମୌନ ହେଉଛି ଋଷିଙ୍କର ଭାଷା। ମୌନ ହେଉଛି ଏକ ଅପାର ଶକ୍ତି। ମୌନ ଏକ ବିରାଟ ବାଗ୍ମିତା। ନିରବ ରହିବାର ବ୍ରତକୁ ମୌନ କୁହାଯାଏ। ମୌନ ନାନା ପ୍ରକାରର। କଥା କହିବାରେ ସଂଯମ ରକ୍ଷା କରିବାକୁ ବାଙମୌନ ବୋଲାଯାଏ। ବାଗ୍ ଇନ୍ଦ୍ରିୟକୁ ନିଷ୍କଳ ରଖିଲେ ବାଙ୍‌ମୌନ ପାଳିତ ହୁଏ। ବୃଥା ବାକ୍ୟାଳାପ ଓ ଅଯଥା ଆଲୋଚନାରେ ଶକ୍ତି କ୍ଷୟ ହୁଏ। କିନ୍ତୁ ସାଂସାରିକ ଲୋକେ ଏହା ହୃଦୟଙ୍ଗମ କରିପାରନ୍ତି ନାହିଁ। ମୌନ ଶକ୍ତି ସଂରକ୍ଷଣ କର; ସେହି ସଂରକ୍ଷିତ ଶକ୍ତି ଦ୍ୱାରା ଆପଣ ଅଧିକ ପରିମାଣରେ ମାନସିକ ତଥା ଶାରୀରିକ କାର୍ଯ୍ୟ କରିପାରିବେ; ବହୁ ପରିମାଣରେ ଧାନ ମଧ୍ୟ କରିପାରିବେ। ମୌନ ମସ୍ତିଷ୍କ ତଥା ସ୍ନାୟୁ-ମଣ୍ଡଳକୁ ଚମତ୍କାର ଭାବରେ ଶାନ୍ତଶୀତଳ କରିଦିଏ। ମୌନବ୍ରତ ଧରିଲେ ବାକଶକ୍ତି ଧୀରେ ଧୀରେ ଓଜଃଶକ୍ତିରେ ବା ଆଧ୍ୟାତ୍ମିକ ଶକ୍ତିରେ ବଦଳିଯାଏ। ମୌନ ମନୋବଳ ବିକାଶ କରେ, ସଂକଳ୍ପର ବଳକୁ ସଂଯତ କରେ, ବାକର ଆବେଗକୁ ହ୍ରାସ କରେ ଏବଂ ମାନସିକ ଶାନ୍ତି ପ୍ରଦାନ କରେ। ମୌନ ଅବଲମ୍ବନ କଲେ, ସହନଶୀଳ ହେବାକୁ ଶକ୍ତି ମିଳେ। ମୌନର ମିଥ୍ୟ କହିବାର ସୁଯୋଗ ରହେ ନାହିଁ। ବାକ-ସଂଯମ କରିହୁଏ।

ମନକୁ ନିର୍ମଳ ଓ ପବିତ୍ର ରଖି ଧାନ କରନ୍ତୁ। ପ୍ରଶାନ୍ତ ହୋଇ ରହନ୍ତୁ ଏବଂ ଜାଣନ୍ତୁ ଯେ, ଆପଣ ପରମାତ୍ମାଙ୍କର ଅଂଶ ବିଶେଷ। ମନକୁ ସ୍ଥିର କରନ୍ତୁ। ବିକ୍ଷୁବ୍ଧ ଚିନ୍ତା ଓ ଉଦବେଳିତ ଆବେଗକୁ ଶାନ୍ତ-ନିରବ କରିଦିଅନ୍ତୁ। ଅନ୍ତରର ଗଭୀରତମ ପ୍ରଦେଶରେ ନିମଜ୍ଜିତ ହୋଇଯାଆନ୍ତୁ। ଏବଂ ମହାନ ମୌନ ଉପଭୋଗ କରନ୍ତୁ। ଅତି ରହସ୍ୟମୟ ସେହି ମୌନ। ସେହି ଅଗାଧ ମୌନ ଭିତରେ ପ୍ରବେଶ କରିଯାଆନ୍ତୁ। ସେହି ଅନନ୍ତ ମୌନକୁ ହୃଦୟଙ୍ଗମ କରନ୍ତୁ। ସ୍ୱୟଂ ସେହି ଅସୀମ ମୌନରେ ପରିଣତ ହୋଇଯାଆନ୍ତୁ। ଜଣେ ମହାମୌନୀ ହୋଇଯାଆନ୍ତୁ। ଏହି ଧୂଳିର ଧରଣୀରେ ଏହି ଜୀବଦ୍ଦଶାରେ ଭଗବତ-ସାକ୍ଷାତକାର ପ୍ରାପ୍ତ ହୁଅନ୍ତୁ।

ନିରବତାର ଶକ୍ତି ଅପାର। ଏହା ଉଭୟ ମନ ଓ ତନ ପାଇଁ ଭଲ। କେହି ଜଣେ କହିଥିଲେ ନିରବତା ମଧ୍ୟରୁ ସମସ୍ତ ସୃଷ୍ଟି। ନିରବତାର ଶୂନ୍ୟତା ମଧ୍ୟରୁ ସବୁକିଛି ଜନ୍ମ ନିଏ। ନିରବତାର ସ୍ୱର ସବୁଠାରୁ ଶକ୍ତିଶାଳୀ। ତେଣୁ ନିରବତାର ଜୟଗାନ ପାଇଁ ନିରବ ଦିବସର ସୃଷ୍ଟି। ବୌଦ୍ଧ ସନ୍ନ୍ୟାସୀଙ୍କ ଦ୍ୱାରା ଅନୁପ୍ରାଣିତ ଜଣେ ମାର୍କିନ୍ ଶିଳ୍ପପତି, କିଛି ବର୍ଷ ତଳେ ସ୍ୱଦେଶରେ ସେପ୍ଟେମ୍ବର ତେରରେ ଏହି ଦିବସ ପାଳନ ଆରମ୍ଭ କରିଥିଲେ। ଆଜିର ମଣିଷ କୋଳାହଳପୂର୍ଣ୍ଣ ବାତାବରଣର ଶିକାର। ଏଭଳି ସ୍ଥିତିରେ ସାମଗ୍ରିକ ଶାନ୍ତି ପାଇଁ ଆସନ୍ତୁ ତୁନିରହି ପାଳନ କରିବା ଏହି ଦିବସ।

ପରମାତ୍ମା ବା ବ୍ରହ୍ମ ହେଉଛନ୍ତି ପରମ ଶାନ୍ତ, ସମ୍ପୂର୍ଣ୍ଣ ମୌନ। ଆତ୍ମା ଶାନ୍ତ।

♥ କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,
ମୋ : ୮୨୬୦୪୦୮୮୩୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ସେପ୍ଟେମ୍ବର ୨୦୨୫
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଦୃଷ୍ଟିକୋଣ-୧୯

# 'ମୁଁ କିଏ?' ର ଅନୁସନ୍ଧାନରେ ଜୀବନ ଜ୍ଞାନାଲୋକ ପ୍ରାପ୍ତ ହୁଏ



♥ ଡ. କାଳୀପଦ ପଣ୍ଡା

ଜଗତର ସମସ୍ତ ପ୍ରାଣୀ ସୁଖ ଓ ଶାନ୍ତିରେ ରହିବାକୁ ସବୁବେଳେ ଚାହିଁଥାନ୍ତି। ସର୍ବଦା ସୁଖୀ ଜୀବନ ବିତାଇବା ପାଇଁ ସଂଗ୍ରାମ କରିଥାନ୍ତି। କେହି କେବେ ଦୁଃଖ ବା ଯନ୍ତ୍ରଣାକୁ ଚାହିଁନଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜକୁ ଖୁବ୍ ଭଲ ପାଆନ୍ତି। ଯାହର ଅନ୍ୟନାମ ଆନନ୍ଦ। ତେବେ ପରମାନନ୍ଦ ଆମେ ପାଉ ସ୍ଥୂଳତଃ ଯେତେବେଳେ ଗଭୀର ନିଦ୍ରାରେ ବୁଡି ଯାଇଥାଉ। ସେହି ସମୟରେ ମନରେ ନଥାଏ କୌଣସି ସ୍ଥିତି। କେବେଳ ଆନନ୍ଦ ହିଁ ଆନନ୍ଦ ଅନୁଭବ ହୋଇଥାଏ। ତେବେ ଏହି ନିଦ୍ରା ଯେବେ ଚିରନିଦ୍ରାରେ ଦିନେ ରୁପାନ୍ତରିତ ହୁଏ ତାହା ସମସ୍ତ ଯନ୍ତ୍ରଣା ଓ ସୁସୁପ୍ତିର ଏକ ଚିରସ୍ଥାୟୀ ସମାଧାନ। ତେବେ ଚିରନିଦ୍ରା ବା ମୃତ୍ୟୁର ଆଲିଙ୍ଗନ ଅନିବାର୍ଯ୍ୟ ଜାଣି ସୁଦ୍ଧା ଆମେ କେବେ 'ମୁଁ କିଏ ?'ର ଅନୁସନ୍ଧାନ କରୁ କି ? କାରଣ ଏହି ଅନୁସନ୍ଧାନ ହିଁ ଆମକୁ ଜ୍ଞାନାଲୋକ ପ୍ରାପ୍ତ କରାଏ। ଆଉ ସେହି ଜ୍ଞାନାଲୋକର ନିକଟବର୍ତ୍ତୀ ହୋଇଗଲେ ଆମେ ନିର୍ବିକାର, ନିରହଙ୍କାରୀ, କାମନା ବାସନା ଶୂନ୍ୟ ହୋଇଉଠୁ ଓ ଜାଗତିକ ବସ୍ତୁର ପ୍ରେମରେ ଉବୁଟୁବୁ ନହୋଇ ବରଂ ପରମକାରୁଣିକ ସକଳ ସୃଷ୍ଟିର ନିୟନ୍ତା, ଜଗତକର୍ତ୍ତା, ଅଣାକାର, ଅନାଦି ଅନନ୍ତ ପରମେଶ୍ୱରଙ୍କର ସମର୍ପଣରେ ଆସିଯାଉ। ସମସ୍ତ ଭୋଗଲିପ୍ସା ଦୂରେଇ ଯାଇ ସମର୍ପଣର ମନ୍ତ୍ରରେ ହୋଇଯାଉ ଦୀକ୍ଷିତ। ସେ ସମୟରେ ସମସ୍ତ ଆକାଂକ୍ଷା ଓ ଲାଳସାର ହୁଏ ପରିସମାପ୍ତି, କେବଳ ମୁକ୍ତି ହିଁ ମୁକ୍ତି, ଆତ୍ମସତ୍ତା ରୂପକ ବିନ୍ଦୁ ସେହି ପରମାତ୍ମାଙ୍କ ଠାରେ ଲୀନ ହେବାର ପ୍ରାର୍ଥନା ହୁଏ ବ୍ୟକ୍ତିସତ୍ତାରେ ଧାରଣ।

ପତ୍ନୀ, ପୁତ୍ର, ପୁତ୍ରୀ, ପରିବାର, ପ୍ରେମ, ପ୍ରତିଷ୍ଠା, ପ୍ରଶଂସା, ପରୀକ୍ଷା, ପଇସା ଏହିସବୁ ବାହାରେ ଯେ ପରମାତ୍ମାଙ୍କ ପଛରେ ଧାବିତ ହୋଇପାରିଲେ ଜୀବାତ୍ମାର ପୂର୍ଣ୍ଣତା ଆସେ, ଏହା ହେଜିଗଲେ ଜୀବନର ପଥ ହୋଇଉଠେ ପୁଷ୍କଳ। ଯାହାକୁ ପ୍ରଜ୍ଞାର ଉନ୍ମେଷରୁ ଜୀବନମୁକ୍ତିର ଅଭ୍ୟୁଦୟ ବୋଲି କୁହାଯାଇପାରେ। ପ୍ରାପ୍ତିର ତୃଷ୍ଣା ଅସୀମ, ଯାହା ମୃଗତୃଷ୍ଣା ତୁଲ୍ୟ। ଏହା ସାଂସାରିକ ସୁଖର କାରଣ। ମାତ୍ର ପ୍ରଜ୍ଞାବନ୍ତ ହେଲେ ଦୁଃଖଭୋଗ କମିଯାଇଥାଏ। ଯେମିତିକି ଆମେ ବୁଝିପରୁନା ସୁଖୀହେବା ପାଇଁ କେତେ ସଂପଦ ଆବଶ୍ୟକ। ଯେତେବେଶି ମିଳିଛି ପୁଣି ଆହୁରି ଅଧିକ ପ୍ରାପ୍ତି ପାଇଁ ବ୍ୟାକୁଳ। ହେଲେ ସ୍ୱଚ୍ଛନ୍ଦ ଜୀବନ ନିର୍ବାହ ପାଇଁ କେତେ ସଂପଦ ଦରକାର ? ପ୍ରାପ୍ତି ଓ ପ୍ରାଚୁର୍ଯ୍ୟର ସୀମା ତ ଅପ୍ରମେୟ। ସେହି ଦୌଡ଼ ଭିତରେ ଉଦ୍‌ବେଗ ଏବଂ ଅପ୍ରାପ୍ତିର ଅଶାନ୍ତ ସାଗରରେ ଉବୁଟୁବୁ ହୋଇ ଛଟପଟ ହେବା ହିଁ ହୁଏ ଅନ୍ତିମ ପରିଣାମ। ପୁନଶ୍ଚ ଯଶଖ୍ୟାତି ଲାଳସା ତାହାବି ମାୟାଜାଲ ସଦୃଶ। ଆମକୁ ସ୍ୱତଃ ପ୍ରଶ୍ନ କରିବାକୁ ଅଛି ଯେ, ଏଇ ସଂସାରରୁ କେତେ କ'ଣ ନପାଇଲି, ହେଲେ ଦେଇଛି କ'ଣ। ଏଇ ଜୀବନ କ'ଣ ଏଇଥରକରେ ଶେଷ ନା' ପୁନର୍ଜନ୍ମ ଅଛି। ଏତେବେଳେ ପ୍ରଜ୍ଞାରୂପୀ ବିବେକର ଉଦୟ ହେଲେ ହେଁ ଜୀବନମୁକ୍ତିର ପଥକୁ ଜାଣିପାରିବା। ଯେମିତିକି ବିଶ୍ୱଗୁରୁ ରବୀନ୍ଦ୍ରନାଥ ତାଙ୍କର ଗୀତାଞ୍ଜଳିର ଏକ କବିତାରେ କହିଥିଲେ, ଯାହାର ଓଡ଼ିଆ ଭାଷାନ୍ତର "ହେ ଦୟାମୟ, ଦିବସ ଶେଷରେ ତମରି ରଙ୍ଗିତରେ ପଦ୍ମଫୁଲଟିର ମଉଳା ମୁହଁ ଯେପରି ଆପେ ଆପେ ମୁଦି ହୋଇଯାଏ, କ୍ଲାନ୍ତ ଅବସନ୍ନ ଧୂଳିଧୂସରିତ ଏଇ ଧରଣୀକୁ ତମେ ଯେପରି ଅନ୍ଧକାର ନିଦ୍ରାରେ ଆଚ୍ଛନ୍ନ କର, ଠିକ୍ ସେହିପରି ତମ କରୁଣାର ଆବରଣ ଟିଏ ମୋ ଅବସନ୍ନ ଦେହ ମନ ଉପରେ ଢ଼ାଙ୍କି ଦିଅ, ମୁଁ ନିଦକ ନିଦରେ ଶୋଇ ଯାଏ।"

ପତ୍ନୀ, ପୁତ୍ର, ପୁତ୍ରୀ, ପରିବାର, ପ୍ରେମ, ପ୍ରତିଷ୍ଠା, ପ୍ରଶଂସା, ପରୀକ୍ଷା, ପଇସା ଏହିସବୁ ବାହାରେ ଯେ ପରମାତ୍ମାଙ୍କ ପଛରେ ଧାବିତ ହୋଇପାରିଲେ ଜୀବାତ୍ମାର ପୂର୍ଣ୍ଣତା ଆସେ, ଏହା ହେଜିଗଲେ ଜୀବନର ପଥ ହୋଇଉଠେ ପୁଷ୍କଳ। ଯାହାକୁ ପ୍ରଜ୍ଞାର ଉନ୍ମେଷରୁ ଜୀବନ ମୁକ୍ତିର ଅଭ୍ୟୁଦୟ ବୋଲି କୁହାଯାଇପାରେ। ପ୍ରାପ୍ତିର ତୃଷ୍ଣା ଅସୀମ, ଯାହା ମୃଗତୃଷ୍ଣା ତୁଲ୍ୟ। ଏହା ସାଂସାରିକ ସୁଖର କାରଣ। ମାତ୍ର ପ୍ରଜ୍ଞାବନ୍ତ ହେଲେ ଦୁଃଖଭୋଗ କମିଯାଇଥାଏ। ଯେମିତିକି ଆମେ ବୁଝିପରୁନା ସୁଖୀହେବା ପାଇଁ କେତେ ସଂପଦ ଆବଶ୍ୟକ।

ଆଜିର ଦିନରେ ଆମେ ଖୁବ୍ ବିଦ୍ୟାବନ୍ତ। ମାତ୍ର ପ୍ରଜ୍ଞାର ଉନ୍ମେଷ ହେଲେ ହିଁ ଜୀବନ ମୁକ୍ତିର ମାର୍ଗ ଉନ୍ମୋଚନ ହୋଇପାରେ।

ଗୋଟିଏ ରାତିରେ ଜୀବନ ତ ଶେଷ ହୁଏନାହିଁ। ଆସେ ପୁଣି ନୂଆ ସକାଳ, ନୂଆ ସୂର୍ଯ୍ୟ ଉଦୟ ହୁଅନ୍ତି, ନୂଆ ସଂସାର ଗଢ଼ାଯାଏ। ନୂଆ ପରିକଳ୍ପନା ଓ ନୂଆ ସମ୍ବନ୍ଧ ଗଢ଼ିଉଠେ। ଏ ଜନ୍ମରେ ଅର୍ଜିତ ପୁଣ୍ୟ ପରଜନ୍ମ ପାଇଁ ହୋଇଥାଏ ଜୀବନଯାତ୍ରାପଥର ସମ୍ବଳ। ତାହା ଆଗକୁ ବାଟ କଢ଼େଇ ନିଏ, ତାହା ପୁଣି ମୋକ୍ଷ ଆଡ଼କୁ, ଯେଉଁଠାରେ ନଥିବ ସୁଖଦୁଃଖ ବା ଭଲମନ୍ଦର ଭେଦ ହୁଏତ। ତେବେ ଏବେ ଯେଉଁ ଜୀବନ ବଞ୍ଚୁଛୁ ତାହା ହିଁ ସତ୍ୟ, ଏହାକୁ ହିଁ ସଫଳ ଭାବେ ବଞ୍ଚିବାକୁ ହେବ। ଅନ୍ତିମ ରାତ୍ରିର ପ୍ରଶାନ୍ତି ଏ ଜୀବର ସଫଳତାରେ ନିର୍ଭର କରିଥାଏ। ନହେଲେ ଅଶାନ୍ତି ଅବସୋସ ଗ୍ରାସ କରିବସେ। ଏଇଠି ପ୍ରାପ୍ତିର ତୃଷ୍ଣା ଅସୀମ ହେତୁ ତାହାକୁ ନିୟନ୍ତ୍ରଣକୁ ଆଣିବା ଦିଗରେ ନିଜକୁ ପ୍ରଶ୍ନ କରିପାରିଲେ 'ମୁଁ କିଏ ?'ର ଅନୁସନ୍ଧାନୀ ହୋଇଗଲେ ସେହି କ୍ଷଣି ଜ୍ଞାନାଲୋକର ଦିଗ ସ୍ୱତଃ ଉଦ୍‌ଭାସିତ ହୋଇଆସେ ମନ ମଧ୍ୟରେ। ଏ ସଂପର୍କରେ 'ମୁଁ କିଏ ?' ପ୍ରଶ୍ନର ଉତ୍ତର ଶ୍ରୀ ରମଣ ମହର୍ଷି ଯାହା ପ୍ରଦାନ କରିଥିଲେ ତାହାକୁ ଯଦି କେହି ଜଣେ ଗଭୀର ଅନୁଧ୍ୟାନ ଓ ଅନୁଶୀଳନ କରିବସିବ ତେବେ ସେ ତାର ଉତ୍ତର ପାଇଯିବ।

ଶ୍ରୀ ରମଣ ମହର୍ଷିଙ୍କୁ ୧୯୦୨ ମସିହାରେ ଶ୍ରୀ ଏମ୍.ଶିବ ପ୍ରକାଶମ୍ ପିଲ୍ଲେ ସାକ୍ଷାତ୍ ସମୟରେ ଯେଉଁ ଜିଜ୍ଞାସା କରିଥିଲେ ତାହାଥିଲା ଆତ୍ମଜ୍ଞାନ ସମ୍ବନ୍ଧିତ। ସେତେବେଳେ ଭଗବାନ ଶ୍ରୀ ରମଣ ମହର୍ଷି ମୌନାବସ୍ଥାରେ ରହୁଥିଲେ, ସେଥିପାଇଁ ସେସବୁ ପ୍ରଶ୍ନର ଉତ୍ତର ଲେଖିକରି ଦେଇଥିଲେ। ଯାହା ପରବର୍ତ୍ତୀ ସମୟରେ ସେହିସବୁକୁ ଗ୍ରନ୍ଥ ଆକାରରେ ଏମ୍.ଶିବ ପ୍ରକାଶମ୍ ପିଲ୍ଲେ ୧୩ ଗୋଟି ପ୍ରଶ୍ନଉତ୍ତର କ୍ରମରେ ୧୯୨୩ ମସିହାରେ ପ୍ରଥମଥର ପାଇଁ ମୂଳ ତାମିଲ ଭାଷାରେ ସର୍ବସାଧାରଣଙ୍କ ପାଇଁ ପ୍ରକାଶ କରିଥିଲେ। ଯାହାର ବିବିଧ ସଂସ୍କରଣ ବିବିଧ ଭାଷାରେ ବାରମ୍ବାର ପ୍ରକାଶ ହୋଇଆସୁଛି। ସେହି ଅନୁଯାୟୀ - ଏକାଗ୍ରତା ହାସଲ କରିଥିବା ମନ ପାଇଁ ଆତ୍ମଜ୍ଞାନ ଲାଭ ଅପେକ୍ଷାକୃତ ସହଜ ହୋଇଯାଏ। ଅନବରତ ଏବଂ ଅବିଶ୍ରାନ୍ତ ଅନୁସନ୍ଧାନ କଲେ ହିଁ ସବୁ ଭାବନା ଦୂରୀଭୂତ ହୋଇଯାଏ ଏବଂ ଆତ୍ମଜ୍ଞାନ ପ୍ରାପ୍ତ ହୁଏ - ଯେଉଁ ସ୍ଥିତିରେ ସେତେବେଳେ 'ମୁଁ' ତ୍ୱର ମଧ୍ୟ ବିନାଶ ଘଟେ ଏବଂ ଆତ୍ମଜ୍ଞାନର ସଂପୂର୍ଣ୍ଣ ନୀରବତା ତଥା ନିଶ୍ଚଳତା ଅନୁଭୂତ ହୁଏ।

♥ ସୁନାରୁଇ, ବି.କଟିସାହି, ସିଂଲା, ବାଲିଆପାଳ
ବାଲେଶ୍ୱର-୭୫୬୦୨୩, (ମୋ) ୯୪୩୭୦୮୯୨୪୧

# ଅନନ୍ୟା ଅତୁଳନୀୟା : ଅନୀତାଦେଶାଇ

## ପ୍ରଦୀପ କୁମାର ରାୟ





ପଚାଶ ଦଶକର ଶେଷଭାଗରୁ ଏଯାବତ୍ ଯେଉଁ କେତେଜଣ ଭାରତୀୟ ଲେଖକ/ଲେଖିକା ଇଂରାଜୀ ଭାଷାରେ ସାହିତ୍ୟ ସୃଷ୍ଟି କରି ବିଶ୍ୱବ୍ୟାପୀ ପାଠକମାନଙ୍କର ଶ୍ରଦ୍ଧା ଓ ଭଲପାଇବା ପାଇଛନ୍ତି, ଅନୀତା ଦେଶାଇ ସେମାନଙ୍କ ମଧ୍ୟରେ ଅନ୍ୟତମ ।

ତାଙ୍କ ସୃଷ୍ଟିର ପ୍ରେକ୍ଷାପଟ ବା ଚରିତ୍ର ଅନେକାଂଶରେ ଭାରତୀୟ ହେଲେ ମଧ୍ୟ, ତାଙ୍କର ରଚନାଶୈଳୀ ମନେ ପକାଇ ଦିଏ ଟି. ଏସ.ଇଲିୟଟ ବା ପରବର୍ତ୍ତୀ କାଳର ଭର୍ଜିନିଆ ଉଲ୍‌ଫଙ୍କ ପରି ପ୍ରବାଦପ୍ରତିମ କବି ଓ ଲେଖକମାନଙ୍କର କଥା ।

ଇଂରାଜୀ ଭାଷା ଉପରେ ତାଙ୍କର ଦଖଲ, ଚାରିପାଖର ପରିସ୍ଥିତି ବିଷୟରେ ତାଙ୍କର ଅଦ୍ଭୁତ ସମ୍ବେଦନଶୀଳତା, ସମଗ୍ର ବିଶ୍ୱର ପରିପ୍ରେକ୍ଷୀରେ ସେହିସବୁ ଘଟଣାର ତାତ୍ପର୍ଯ୍ୟ ବିଶ୍ଳେଷଣ ଦେଶ ବିଦେଶରୁ ତାଙ୍କୁ ଆଣି ଦେଇଛି ଖ୍ୟାତି, ସମ୍ମାନ ଏବଂ ଅଜସ୍ର ଭଲପାଇବା ।

ଆର. କେ .ନାରାୟଣ ବା ମୁଲକରାଜ ଆନନ୍ଦଙ୍କ ସାର୍ଥକ ଉତ୍ତରାଧିକାରୀ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଏବଂ ତିଆରି କରିଛନ୍ତି ନିଜସ୍ୱ ଏକ ଘରାନା ।

ଜଣେ ଲେଖିକା ଭାବରେ ସେ ବୁକର ପୁରସ୍କାର ପାଇଁ ବାରମ୍ବାର ନିର୍ବାଚିତ ହୋଇଛନ୍ତି । ୧୯୭୮ ମସିହାରେ ତାଙ୍କର ଉପନ୍ୟାସ 'ଫାୟାର ଅନ ଦ ମାଉଣ୍ଟେନ' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ।

'ଦ ଭିଲେଜ ବାଇ ଦ ସି' ଉପନ୍ୟାସ ପାଇଁ ବ୍ରିଟିଶ ଗାର୍ଡିଆନ୍ ପୁରସ୍କାର ମଧ୍ୟ ଅର୍ଜନ କରିଛନ୍ତି ।

ଅନୀତା ଦେଶାଇ ୧୯୩୭ ମସିହା ଜୁନ ୨୪ ତାରିଖ ଦିନ ମସୌରୀ ଠାରେ ଜନ୍ମଗ୍ରହଣ କରିଥିଲେ । କୁଇନ୍ ମେରୀ ବିଦ୍ୟାଳୟରେ ପଢ଼ିବା ପରେ ୧୯୫୭ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମିରାଣ୍ଡା ହାଉସ୍ ରୁ ଇଂରାଜୀ ସାହିତ୍ୟରେ ବି.ଏ. ଡିଗ୍ରୀ ହାସଲ କରିଥିଲେ । ତାଙ୍କର ବାପା ବି.ଏନ. ମଜୁମଦାର ଏବଂ ମା ଅ୍ୟାଁତୋୟାନେତ ନାଇମ । ତାଙ୍କର ବାପା ବି.ଏନ. ମଜୁମଦାର ଏବଂ ମା ଅ୍ୟାଁତୋୟାନେତଙ୍କର ପରିଚୟ ହୋଇଥିଲା ଜର୍ମାନୀର ବର୍ଲିନ୍ ସହରରେ, ବିଶ୍ୱଯୁଦ୍ଧ ପୂର୍ବରୁ । ପରବର୍ତ୍ତୀ କାଳରେ ସେମାନେ ସଂସାର ଆରମ୍ଭ କରନ୍ତି ଦିଲ୍ଲୀରେ । ପୁରୁଣା ଦିଲ୍ଲୀର ହିନ୍ଦୁ -ମୁସଲମାନ ମିଶ୍ରିତ ପରିବେଶରେ ବଡ଼ଭାଇ ଏବଂ ଦୁଇ ଭଉଣୀଙ୍କ ସହିତ ବଡ଼ ହୁଅନ୍ତି ଅନୀତା ଦେଶାଇ ।

୧୯୫୮ ମସିହାରେ ଅନୀତା ଗୋଟିଏ କମ୍ପ୍ୟୁଟର ସଫ୍ଟୱେର କମ୍ପାନୀର ମାଲିକ ଆଶ୍ୱିନ ଦେଶାଇଙ୍କୁ ବିବାହ କରନ୍ତି । ସେମାନଙ୍କର ଦୁଇଟି କନ୍ୟା ଏବଂ ଦୁଇଟି ପୁତ୍ର ସନ୍ତାନ ଜନ୍ମଲାଭ କରନ୍ତି । ଅନୀତା ଦେଶାଇଙ୍କ କନିଷ୍ଠା କନ୍ୟା କିରଣ ଦେଶାଇ ଔପନ୍ୟାସିକା ଭାବରେ ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଛନ୍ତି ।

୨୦୦୬ ମସିହାରେ ପ୍ରକାଶିତ ତାଙ୍କର ଦ୍ୱିତୀୟ ଉପନ୍ୟାସ 'ଦ ଇନ୍‌ହେରିଟେନ୍ସ ଅଫ୍ ଲସ୍' ପାଇଁ ଅନୀତା ମ୍ୟାନ ବୁକ୍ ପୁରସ୍କାର ଅର୍ଜୁନ କରନ୍ତି ।


ଅନୀତା ଦେଶାଇ ଘରେ ମା'ଙ୍କ ସହିତ ଜର୍ମାନ ଏବଂ ପଡୋଶୀଙ୍କ ସହିତ ମୂଳତଃ ହିନ୍ଦୀରେ କଥାବାର୍ତ୍ତା କରିବାରେ ଅଭ୍ୟସ୍ତ ଥିଲେ ଫଳରେ ପିଲାଦିନରୁ ଏକ ଅଦ୍ଭୁତ ସାଂସ୍କୃତିକ ପରିବେଶରେ ବଢ଼ି ଉଠିଥିଲେ । ମା'ଙ୍କ ପାଖରୁ ଶୁଣୁଥିଲେ ଜର୍ମାନ ରୂପକଥାର କାହାଣୀ ଏବଂ ଜର୍ମାନ ଭାଷାରେ କ୍ରିସମାସ ଗୀତ । ଆଉ ବାପାଙ୍କ ପାଖରୁ ଶୁଣୁଥିଲେ ପୂର୍ବବଙ୍ଗର ରୂପକଥା ଓ ତାଙ୍କ ଜନ୍ମମାଟିର ସ୍ମୃତିକଥା ।

ମା ଓ ବାପା, ଉଭୟଙ୍କ ପାଖରୁ ପିଲାଦିନେ ଶୁଣିଥିବା କାହାଣୀ କେତେବେଳେ ଯେମିତି ଦେଶ ଭାଗ ଏବଂ ଜନ୍ମଭୂମି ଛାଡ଼ି ଆସିଥିବା ଯନ୍ତ୍ରଣାରେ ଏକାକାର ହୋଇ ଯାଉଥିଲା । ସେହି ଯନ୍ତ୍ରଣା, ମୂଳ ସହିତ ସମ୍ପର୍କର ଅଭାବ, ଅସ୍ତିତ୍ୱର ସଂଘର୍ଷ, ପରବର୍ତ୍ତୀ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଭାବରେ ଫେରି ଆସିଛି ତାଙ୍କର ପ୍ରାୟ ସମସ୍ତ ରଚନାରେ ।

ଦିଲ୍ଲୀର କୁଇନ୍ ମେରୀ ହାୟର ସେକେଣ୍ଡେରୀ ସ୍କୁଲରେ ପଢୁଥିବା ବେଳେ ତାଙ୍କର ବନ୍ଧୁ ଥିଲା ବହି । ପିଲାଦିନରୁ ଘରର ପରିବେଶ ତାଙ୍କୁ ପୁସ୍ତକ ପ୍ରେମୀ କରି ଗଢ଼ି ତୋଳିଥିଲା । ସାତ ବର୍ଷ ବୟସରୁ ଲେଖାଲେଖି ଆରମ୍ଭ କରିଥିଲେ ଏବଂ ନଅ ବର୍ଷ ବୟସରେ ତାଙ୍କର ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା ।

କଲେଜରେ ଅଧ୍ୟୟନ କାଳରେ ୧୯୫୭ ମସିହାରେ ନ୍ୟୁ ଦିଲ୍ଲୀର 'ଥଟ୍' ( Thought) ପତ୍ରିକାରେ ପ୍ରକାଶିତ ହୁଏ ତାଙ୍କର ଗଳ୍ପ ' ସର୍କସ କ୍ୟାଟ୍ ଅ୍ୟାଲି କ୍ୟାଟ୍' ।

ପିଲାଦିନରୁ ପରିବାର ସଦସ୍ୟ ମାନଙ୍କର ଉତ୍ସାହ ପାଇଥିବାରୁ ସ୍ୱାଭାବିକ ଭାବରେ ଇଂରାଜୀ ସାହିତ୍ୟକୁ ନିଜର ଅବଶିଷ୍ଟ ଜୀବନର ସାଥୀ ଭାବରେ ଗ୍ରହଣ କରି ନେଇଥିଲେ ଅନୀତା ଦେଶାଇ ।




୧୯୬୩ ମସିହାରେ ପ୍ରକାଶିତ ଉପନ୍ୟାସ 'କ୍ରାଇ ଦ ପିକକ୍' ୧୯୮୦ ମସିହାରେ ପ୍ରକାଶିତ ତାଙ୍କର ଆତ୍ମଜୀବନୀ ମୂଳକ ଉପନ୍ୟାସ 'କ୍ଲିୟର ଲାଇଟ୍ ଅଫ୍ ଦ ଡେ' , ୧୯୮୪ ମସିହାରେ ପ୍ରକାଶିତ ଉପନ୍ୟାସ 'ଇନ୍ କଷ୍ଟୋଡ' ତାଙ୍କର କେତୋଟି ଉଲ୍ଲେଖନୀୟ କୃତି । ତେବେ ତାଙ୍କ ରଚିତ ଉପନ୍ୟାସ 'ଫାଷ୍ଟିଂ' ତାଙ୍କର ଜନପ୍ରିୟତା ବୃଦ୍ଧି କରିଥିଲା । ୨୦୦୪ ମସିହାରେ ମେକ୍ସିକୋ କୁ ନେଇ ରଚିତ ଉପନ୍ୟାସ 'ଦ ଜିଗ୍‌ଜ୍ୟାକ୍ ୱେ' ଏବଂ ୨୦୧୧ ମସିହାରେ ପ୍ରକାଶିତ ଗଳ୍ପ ସଂକଳନ 'ଦ ଆର୍ଟିଷ୍ଟ' ତାଙ୍କର ପାଠକପ୍ରିୟ ରଚନା ଭାବରେ ଗ୍ରହଣ କରାଯାଇଥାଏ ।

ଅନୀତା ଦେଶାଇ ମାଉଣ୍ଟ ହୋଲୁକ କଲେଜ, ବାରୁକ କଲେଜ ଏବଂ ସ୍ମିଥ କଲେଜରେ ଅଧ୍ୟାପନା କରିଛନ୍ତି । ସେ ରୟାଲ ସୋସାଇଟି ଅଫ୍ ଲିଟ୍‌ରେଚର , ଆର୍ଟସ୍ ଏଣ୍ଡ ଲେଟର୍ସର ଆମେରିକାନ ଏକାଡେମୀ ଦ୍ୱାରା, କେମ୍ବ୍ରିଜର ଫେଲୋ ଭାବରେ ମଧ୍ୟ ମନୋନୀତ ହୋଇଥିଲେ ।

୧୯୯୩ ମସିହାରେ ତାଙ୍କର ଉପନ୍ୟାସ 'ଇନ୍ କଷ୍ଟୋଡି' ଅବଲମ୍ବନରେ ଆଇଭରି ପ୍ରୋଡକ୍ସନ ଦ୍ୱାରା ଗୋଟିଏ ଇଂରାଜୀ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ସେହି ଚଳଚ୍ଚିତ୍ର ପାଇଁ ୧୯୯୪ ମସିହାରେ ଭାରତ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା ।

୧୯୫୮ ମସିହାରେ କୋଲକାତାରେ ଥିବା ସମୟରେ ସେ ପୁରୁଷୋତ୍ତମ ଲାଲ ଏବଂ ଅନ୍ୟ ସାତଜଣ ଲେଖକଙ୍କ ସହ ମିଶି ପ୍ରତିଷ୍ଠା କରିଥିଲେ ରାଇଟର୍ସ ୱାର୍କସପ୍ ପ୍ରକାଶନ ସଂସ୍ଥା । ସେହି ସଂସ୍ଥା ତରଫରୁ ପ୍ରକାଶିତ ହୋଇଥିଲା ଏ.କେ.ରାମାନୁଜନ, ରସ୍କିନ ବଣ୍ଡ, ଆଗା ସହିଦ ଅଲୀ, ମୀନା ଆଲେକଜାଣ୍ଡାର, ପ୍ରୀତିଶ ନନ୍ଦୀ ପ୍ରଭୃତି ଲେଖକମାନଙ୍କର ପ୍ରଥମ ପୁସ୍ତକ ।


ଅ ନ 1 ତ । ସନ୍ତାନମାନଙ୍କୁ ନେଇ ଆଲିବାଗ ସମୁଦ୍ର କୂଳରେ ଛୁଟି କଟାଇବାକୁ ଯାଉଥିଲେ । ସେହି ପ୍ରେକ୍ଷାପଟରେ ୧୯୮୨ ମସିହାରେ ଲେଖିଛନ୍ତି ଶିଶୁ ଓ କିଶୋର ମାନଙ୍କ ପାଇଁ ଉପନ୍ୟାସ 'ଭିଲେଜ୍ ବାଇ ଦ ସି' । ଏହି ଉପନ୍ୟାସ ପାଇଁ ୧୯୮୩ ମସିହାରେ ସେ ପାଇଥିଲେ ଗାର୍ଜେନ ଚିଲଡ୍ରେନସ ଫିକ୍ସନ ପ୍ରାଇଜ୍ ।

ଅନୀତା ଦେଶାଇ ତିନିଥର ବୁକ୍ ପୁରସ୍କାର ପାଇଁ ମନୋନୀତ ହେବା ବ୍ୟତୀତ, ପାଇଛନ୍ତି ସାହିତ୍ୟ ଏକାଡେମୀ ପୁରସ୍କାର, ତାରକନାଥ ଦାସ ଏୱାର୍ଡ ଫର୍ କଣ୍ଟ୍ରିବ୍ୟୁସନ୍ ଟୁ ଇଣ୍ଡୋ - ଆମେରିକାନ ଅଣ୍ଡରଷ୍ଟାନ୍‌ଡିଂ , ପଦ୍ମଶ୍ରୀ ସମ୍ମାନ, ବେନ୍ସନ ମଡେଲ ଅଫ୍ ରୟାଲ ସୋସାଇଟି ଅଫ୍ ଲିଟରେଚର, ସାହିତ୍ୟ ଏକାଡେମୀ ଫେଲୋସିପ ଏବଂ ୨୦୧୪ ମସିହାରେ ଭାରତ ସରକାରଙ୍କ ତରଫରୁ ପଦ୍ମଭୂଷଣ ସମ୍ମାନ ।

ଦୀର୍ଘ ଛଅ ଦଶକ ଧରି ଇଂରାଜୀ ସାହିତ୍ୟ ଜଗତରେ ଜଣେ ଭାରତୀୟ ଲେଖିକା ଭାବରେ ଗୋଟିଏ ପରେ ଗୋଟିଏ କୀର୍ତ୍ତି ସ୍ଥାପନ କରିଥିବା ଏହି ମହାନ ଲେଖିକା ବାସ୍ତବରେ ଅନନ୍ୟା, ଅତୁଳନୀୟା ।

♥ ଅବସରପ୍ରାପ୍ତ ଅଧକ୍ଷ
କୁଚିଣ୍ଡା, ସମ୍ବଲପୁର

# ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୬ ଯୁବରାଜ ସିଦ୍ଧାର୍ଥଙ୍କ ବିବାହ


ଯୁବରାଜ ସିଦ୍ଧାର୍ଥ ତାଙ୍କର ଶିକ୍ଷା ଯଥାଶୀଘ୍ର ସମାପ୍ତ କରିଦେଲେ। ତାଙ୍କର ଥିଲା ଶିକ୍ଷାଗ୍ରହଣ ପାଇଁ ଅନେକ ଶ୍ରେଷ୍ଠ ଶିକ୍ଷକ, କ୍ରୀଡ଼ା କରିବା ନିମନ୍ତେ ଅନେକ ଶ୍ରେଷ୍ଠ ସାଥୀ, ବାସ କରିବା ପାଇଁ ସୁନ୍ଦର ଘର, ପିନ୍ଧିବା ପାଇଁ ଆକର୍ଷଣୀୟ ବସ୍ତ୍ର ଏବଂ ଖାଇବା ନିମନ୍ତେ ସୁସ୍ୱାଦୁ ଖାଦ୍ୟ ତାଙ୍କର ପିତା ତାଙ୍କ ନିମନ୍ତେ ବିଭିନ୍ନ ଋତୁ ଅନୁଯାୟୀ ତିନୋଟି ପ୍ରାସାଦ ନିର୍ମାଣ କରିଥିଲେ; ତନ୍ମଧ୍ୟରୁ ଗୋଟିଏ ଥିଲା ଶୀତ ଋତୁ ପାଇଁ, ଗୋଟିଏ ଗ୍ରୀଷ୍ମଋତୁ ଓ ଅନ୍ୟଟି ବର୍ଷାଋତୁ ପାଇଁ। ଆହୁରି ମଧ୍ୟ ତାଙ୍କ ବାପା ସିଦ୍ଧାର୍ଥଙ୍କ ପାଇଁ କେତେକ ବିସ୍ତୃତ ପାର୍କ, ଶିକାରସ୍ଥଳୀ; କଇଁ, ହଂସ ଓ ସୁନ୍ଦର ମାଛମାନଙ୍କରେ ପରିପୂର୍ଣ୍ଣ ପୁଷ୍କରିଣୀ ନିର୍ମାଣ କରିଦେଇଥିଲେ।

ଅସିତା ଓ କୋନ୍ଦନା ପ୍ରାସାଦକୁ ଆସି ରାଜାଙ୍କୁ ସତର୍କ କରାଇଥିଲେ, "ଯେତେବେଳେ ଆପଣଙ୍କ ପୁତ୍ର କୌଣସି ଜଣେ ଅସୁସ୍ଥ ବ୍ୟକ୍ତି, ବୃଦ୍ଧ ବ୍ୟକ୍ତି, ଶବ ବା ସନ୍ନ୍ୟାସୀଙ୍କୁ ଦେଖୁଛନ୍ତି, ସେତେବେଳେ ସେ ଆପଣଙ୍କ ପ୍ରାସାଦ ତ୍ୟାଗ କରି ଜଣେ ସାଧୁ ହୋଇଯିବା ପାଇଁ ଚାହୁଁଛନ୍ତି।"

ପୁତ୍ରର ଏପରି ସ୍ୱଭାବରେ ରାଜା ବିବ୍ରତ ହୋଇପଡ଼ିଲେ। ତେଣୁ ସେ ପୁତ୍ର ନିମନ୍ତେ କେତେକ ଯୁବକ ଭୃତ୍ୟ ନିୟୋଜିତ କଲେ ଏବଂ ପ୍ରାସାଦକୁ କୌଣସି ଅସୁସ୍ଥ ବା ବୃଦ୍ଧ ବ୍ୟକ୍ତିଙ୍କୁ ଆସିବାକୁ ଅନୁମତି ଦେଲେନାହିଁ। ଏପରିକି ରାଜା ଯୁବରାଜଙ୍କ ସମ୍ମୁଖରେ ଅସୁସ୍ଥତା, ବାର୍ଦ୍ଧକ୍ୟ, ମୃତ୍ୟୁ ବା ସନ୍ନ୍ୟାସୀ ସମ୍ପର୍କରେ ଆଲୋଚନା କରିବାକୁ ବାରଣ କଲେ। ମାତ୍ର ସିଦ୍ଧାର୍ଥ ଥିଲେ ଚିନ୍ତାମଗ୍ନ ଓ ଲୋକମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଚାଲିଥିଲେ। ପ୍ରକୃତରେ ସେ ଜୀବନର ଅର୍ଥ ସମ୍ପର୍କରେ ଜାଣିବାକୁ ଚାହୁଁଥିଲେ।

ଦିନେ ରାଜା କେତେକ ବିଜ୍ଞ ବ୍ୟକ୍ତିଙ୍କୁ ପଚାରିଲେ, "ପୁଅକୁ ଖୁସି କରିବା ପାଇଁ ମୁଁ କ'ଣ କରିବି ? ସେ ସବୁବେଳେ ଚିନ୍ତାମଗ୍ନ ରହୁଛନ୍ତି।" ବିଜ୍ଞମାନେ କହିଲେ, "ବର୍ତ୍ତମାନ ଆପଣଙ୍କ ପୁତ୍ରର ବୟସ ୧୬। ସୁନ୍ଦର ଝିଅଟିଏ ଦେଖି ତାଙ୍କୁ ବିବାହ କରିଦେବା କି ?"

ରାଜା ଏଥିରେ ସମ୍ମତ ହୋଇ ରାଜ୍ୟର ସମସ୍ତ ସୁନ୍ଦର ଝିଅମାନଙ୍କୁ ପ୍ରାସାଦକୁ ଆସିବା ନିମନ୍ତେ ବାର୍ତ୍ତା ପ୍ରେରଣ କଲେ। ଯେତେବେଳେ ସେମାନେ ସମସ୍ତେ ଆସିଲେ, ସେମାନଙ୍କ ମଧ୍ୟରୁ ଯେ କୌଣସି ଜଣକୁ ସ୍ତ୍ରୀ ଭାବରେ ବାଛିବା ପାଇଁ ରାଜା ଯୁବରାଜଙ୍କୁ ନିର୍ଦ୍ଦେଶ ଦେଲେ।



ସେମାନଙ୍କ ମଧ୍ୟରେ ଯଶୋଧାରା ନାମ୍ନୀ ଜଣେ ସବୁଠାରୁ ଆକର୍ଷଣୀୟ ଓ ଦୟାଳୁ କନ୍ୟା ଥିଲେ। ଯୁବରାଜ ସମସ୍ତଙ୍କ ଅପେକ୍ଷା ଏହି କନ୍ୟାଙ୍କୁ ଅଧିକ ମୂଲ୍ୟବାନ ଉପହାରଟିଏ ଦେଲେ। ରାଜା ଲକ୍ଷ୍ୟକଲେ ଯୁବରାଜ ତାଙ୍କ ପସନ୍ଦର କନ୍ୟାକୁ ବାଛି ସାରିଛନ୍ତି। ରାଜା ଆନନ୍ଦରେ ଯଶୋଦାଙ୍କୁ ଗ୍ରହଣ କରି ପୁଅକୁ ବିବାହ କରିବା ନିମନ୍ତେ ଅନୁମତି ଦେଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୭୩୭୧୯୬୮

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମଣିପୁରରେ ମୋଦି...

ପ୍ରଧାନମନ୍ତ୍ରୀ କହିଥିଲେ, ମୁଁ ସମସ୍ତ ଗୋଷ୍ଠୀଙ୍କୁ ସେମାନଙ୍କର ସ୍ୱପ୍ନ ପୂରଣ କରିବା ଓ ସେମାନଙ୍କ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଶାନ୍ତି ପଥରେ ଆଗେଇ ଆସିବାକୁ ନିବେଦନ କରୁଛି। ଆଜି ମୁଁ ପ୍ରତିଜ୍ଞା କରୁଛି ଯେ ମୁଁ ଆପଣମାନଙ୍କ ସହିତ ରହିଛି। ଭାରତ ସରକାର ମଣିପୁରବାସୀଙ୍କ ସହିତ ଅଛନ୍ତି। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଂସାରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ଭେଟି ସେମାନଙ୍କ ଦୁଃଖଦୁର୍ଦ୍ଦଶା ଶୁଣିଥିଲେ। ୨୦୨୩ ମେ' ମାସରେ ମଣିପୁରରେ ମୈତେଇ ଓ କୁକି ଜନଜାତିର ଲୋକଙ୍କ ମଧ୍ୟରେ ହିଂସା ଆରମ୍ଭ ହୋଇଥିଲା। ଏହି ହିଂସାରେ ୨୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ୬୦ ହଜାରରୁ ଅଧିକ ଲୋକ ବାସଚ୍ୟୁତ ହୋଇଛନ୍ତି। ଏବେବି ସେମାନେ ସରକାରଙ୍କ ଦ୍ୱାରା ନିର୍ମିତ ଶିବିରଗୁଡ଼ିକରେ ରହୁଛନ୍ତି। ଏବେବି ଉତ୍ତେଜନା ଲାଗି ରହିଥିବାରୁ ହଜାର ହଜାର ଲୋକ ସେମାନଙ୍କ ଘରକୁ ଫେରିପାରିନାହାନ୍ତି। ଏପ୍ରିଲ ୩୦, ୨୦୨୩ରେ ମୈତେଇମାନଙ୍କୁ ଅନୁସୂଚିତ ଜନଜାତିର ମାନ୍ୟତା ପ୍ରଦାନ କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁମୋଦନ କରି ପ୍ରସ୍ତାବ ପଠାଇବା ପାଇଁ ମଣିପୁର ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ମୈତେଇମାନେ ଅନୁସୂଚିତ ଜାତି ଓ ପଛୁଆ ବର୍ଗରେ ସ୍ଥାନ ପାଇଛନ୍ତି। ହାଇକୋର୍ଟଙ୍କ ଆଦେଶ ଯୋଗୁଁ ଆଦିବାସୀମାନଙ୍କର ସମ୍ବିଧାନ ପ୍ରଦତ୍ତ ସୁରକ୍ଷା ଓ ଅଧିକାର ବାଧିତ ହେବାର ଆଶଙ୍କା କରି ଅନୁସୂଚିତ ଜନଜାତି ବର୍ଗରେ ଆସୁଥିବା କୁକିମାନେ ଏହାର ତୀବ୍ର ବିରୋଧ କରିଥିଲେ। ଫଳସ୍ୱରୂପ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ ଓ ପ୍ରାୟ ଅଢ଼େଇ ବର୍ଷ ହେଲାଣି ପୂରା ରାଜ୍ୟ ଅଶାନ୍ତ ରହିଛି।

## ଏନକାଉଣ୍ଟରେ ପରେ...

ଓଡିଶା ଷ୍ଟେଟ୍ କମିଟି ସଚିବ ମୋଡେମ ବାଲକ୍ରୀଷ୍ଣାଙ୍କ ସମେତ ୧୦ମାଓବାଦୀ ନିପାତ ହୋଇଛନ୍ତି। ଜଣକ ପରେ ଜଣେ ଟପ ମାଓନେତାଙ୍କ ମୃତ୍ୟୁରେ ଓଡିଶା ସଙ୍ଗଠନ ଏକ ପ୍ରକାର ଧାରାଶାୟୀ ହୋଇ ପଡିଛି । ଚେଲାପତି ଓ ବାଲାକ୍ରିଷ୍ଣାଙ୍କ ମୃତ୍ୟୁ ପରେ ଗଣେଶ ଉଇକେ ଏକ ମାତ୍ର ସଚିବ ଭାବେ କାମ କରୁଛନ୍ତି । ଏବେ ସେ ଆତ୍ମଗୋପନ କରି ଥିବା ଜଣା ପଡିଛି । ସେହିପରି ୭ ଜଣ ରାଜ୍ୟ କମିଟି ସଦସ୍ୟଙ୍କ ମଧ୍ୟରୁ ପ୍ରମୋଦ ଏବଂ ବିମଲଙ୍କ ସମେତ ୪ଜଣଙ୍କ ମୃତ୍ୟୁ ପରେ ଅଛନ୍ତି ମାତ୍ର ୩ ଜଣ । ଆଉ ସ୍ୱତନ୍ତ୍ର ଜୋନାଲ କମିଟି ତାଲିକା ଏବେ ୧ରେ ସୀମିତ ହୋଇ ଯାଇଛି । ତେଲେଙ୍ଗାନାରେ ଆତ୍ମସମର୍ପଣ କରିଛନ୍ତି ଦେଶର ସର୍ବୋଚ୍ଚ ମହିଳା ମାଓ ନେତ୍ରୀ ସିସିଏମ୍ ସୁଜାତା । ସୁଜାତା ହେଉଛନ୍ତି ଟପ୍ ମାଓନେତା କିଶନଜୀଙ୍କ ପତ୍ନୀ । ଏହା ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ସ୍ପଷ୍ଟ ସୂଚନା ଦେଉଛି ।

## ବିଜେଡିରେ...

ଯାହାର କିଛି କ୍ଷୋଭ ଅଛି ସେମାନେ ସିଧାସଳଖ ସଭାପତିଙ୍କ ସହ ଆଲୋଚନା କଲେ ଭଲ । ଯେଉଁ ମାନେ ଅସନ୍ତୁଷ୍ଟ ଅଛନ୍ତି ସଭାପତି ବି ସେମାନଙ୍କୁ ଡକାଇ ଆଲୋଚନା କଲେ ଭଲ । କିନ୍ତୁ ବିଶୃଙ୍ଖଳା କରିଥିବାରୁ କାର୍ଯ୍ୟାନୁଷ୍ଠାନ ହୋଇଛି । ଦଳୀୟ ଶୃଙ୍ଖଳା ଭିତରେ ରହି କାର୍ଯ୍ୟକରିବା ଉଚିତ ବୋଲି କହିଛନ୍ତି ପଦ୍ମନାଭ ବେହେରା ।

## ନୂଆପଡ଼ା ଉପ-ନିର୍ବାଚନ...

ଓ କଂଗ୍ରେସ ଚତୁର୍ଥ ସ୍ଥାନରେ ଥିଲେ। ବିଜେପି ତୃତୀୟ ସ୍ଥାନରେ ଥିଲା। ଏବେ ରାଜ୍ୟରେ ବିଜେପି ସରକାର ଥିବାରୁ ଏହି ଆସନରେ ଜିତି ବିଧାନସଭାରେ ନିଜର ସଦସ୍ୟ ସଂଖ୍ୟା ବଢ଼ାଇବାକୁ ଚାହିଁବ। ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗରେ ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଦମ୍ଭୋକ୍ତି ବାଢ଼ିଛନ୍ତି। ଏହି ଉପନିର୍ବାଚନରେ ବିଜେପିର ବିଜୟ ନିଶ୍ଚିତ ବୋଲି ସେ କହିଛନ୍ତି। ନୂଆପଡ଼ାରେ ବିଜେପି ତୃତୀୟ ସ୍ଥାନରେ ଅଛି। କେମିତି ଲଢ଼ିବ ପ୍ରଶ୍ନରେ ସେ କହିଛନ୍ତି, ରାଜ୍ୟରେ ଆଗରୁ ବିଜେପିର ସ୍ଥିତି କଣ ଥିଲା? ୨୪ ନିର୍ବାଚନରେ ବିଜେପି ଏକାକୀ ଲଢ଼ିବ ଏବଂ ଓଡ଼ିଶାରେ ସରକାର ଗଠନ କରିବ ବୋଲି ପୂର୍ବରୁ କହିଥିଲି। ଓଡ଼ିଶାରେ ବିଜେପି ସରକାର ଗଠନ ହେଲା। ସେହିପରି ୧୬ରୁ ୧୮ ଲୋକସଭା ଆସନରେ ବିଜୟ ହେବ ବୋଲି କହିଥିଲି। ୨୦ ସାଂସଦ ଜିତିଲେ। ତେଣୁ ନୂଆପଡ଼ା ଉପନିର୍ବାଚନରେ ମଧ୍ୟ ବିଜେପି ବିଜୟୀ ହେବ। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ-୨୦୨୪ରେ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ବିଜୟ ହାସଲ କରିଥିଲେ। ଏହି ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ପରାଜିତ ହୋଇଥିଲେ। ବିଜେପିର ଅଭିନନ୍ଦନ ପଣ୍ଡା ତୃତୀୟ ସ୍ଥାନରେ ଥିଲେ। କଂଗ୍ରେସକୁ ଚତୁର୍ଥ ସ୍ଥାନ ମଳିଥିଲା। ଗତ ୮ ତାରିଖ ଦିନ ରାଜେନ୍ଦ୍ର ଢୋଲକିଆଙ୍କର ମୃତ୍ୟୁ ପରେ ଏଠାରେ ଉପନିର୍ବାଚନ ହେବାକୁ ଯାଉଛି। ଏହି ନିର୍ମାଚନରେ କିଏ ପ୍ରାର୍ଥୀ ହେବେ ସେନେଇ ଯଦିଓ ସ୍ପଷ୍ଟ ହୋଇନାହିଁ। ରାଜ୍ୟର ପ୍ରମୁଖ ରାଜନେ?ତିକ ଦଳର ନେତାମାନେ ଟିକେଟ ହାତେଇବା ପାଇଁ ପ୍ରୟାସ ଆରମ୍ଭ କରିଦେଇଥିବା ଚର୍ଚ୍ଚା ହେଉଛି।

## ବିହାର ମହାଗଠବନ୍ଧନରେ...

୨୦୨୦ ନିର୍ବାଚନରେ କଂଗ୍ରେସ ମଧ ୭୦ ଟି ଆସନରେ ନିର୍ବାଚନ ଲଢିଥିଲା । ହେଲେ ଦୁର୍ବଳ ପ୍ରଦର୍ଶନ ପୂର୍ବକ ଦଳକୁ ମାତ୍ର ୧୯ ଟି ଆସନରେ ବିଜୟ ମିଳିଥିଲା । ସେପଟେ ଆରଜେଡି ୨୦୨୦ ବିଧାନସଭା ନିର୍ବାଚନରେ ୧୪୪ ଆସନରେ ଲଢ଼ି ୭୫ ଆସନରେ ବିଜୟୀ ହେବା ସହ ବିହାରରେ ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଥିଲା । ସେତେବେଳେ ଏନଡିଏ ୧୨୫ ଆସନରେ ବିଜୟୀ ହୋଇ ସରକାର ଗଠନ କରିଥିଲା । ମହାଗଠବନ୍ଧନକୁ ୧୧୦ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ଗତ ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ଥିଲା । ହେଲେ ଚଳିତ ଥର କଂଗ୍ରେସ ଶକ୍ତିଶାଳୀ ମନେ କରୁଛି । ଦଳ କହିଛି ଏଥର ଆରଜେଡି ଯେତିକି ଆସନରେ ଲଢିବ ଆମକୁ ସେତିକି ଆସନରେ ଲଢିବାକୁ ସୁଯୋଗ ଦିଆଯାଉ । କଂଗ୍ରେସ ଯୁକ୍ତି ରଖିଛି କି ୨୦୨୪ ଲୋକସଭା ନିର୍ବାଚନରେ ଆରଜେଡି ୪ ଟି ଆସନରେ ବିଜୟୀ ହୋଇଥିବା ବେଳେ ଆମେ ୩ ଟି ଆସନରେ ବିଜୟୀ ହୋଇଛୁ । ତେଣୁ ଆସନ ବୁଝାମଣା ବେଳେ ୨୦୨୦ ବିଧାନସଭା ଫଳାଫଳ ନୁହେଁ ବରଂ ୨୦୨୪ ଲୋକସଭା ନିର୍ବାଚନର ଫଳାଫଳକୁ ହିସାବକୁ ନିଆଯିବା ଦରକାର । ସେପଟେ ଭିଆଇପି ମୁଖ୍ୟ ମୁକେଶ ସାହାଣୀ ମଧ୍ୟ ମେଣ୍ଟର ଟେନସନ୍ ବଢାଇ ଦେଇଛନ୍ତି । ସେ କହିଛନ୍ତି କି, ମୋତେ ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରୋଜେକ୍ଟ କରାଯାଉ । ଏହାସହ ଆମଦଳକୁ ୬୦ ଟି ଆସନରେ ଲଢିବାକୁ ସୁଯୋଗ ଦିଆଯାଉ । ଏହାକୁ ନେଇ ଆରଜେଡି ନେତାଙ୍କ କହିବା କଥା ଲୋକସଭା ନିର୍ବାଚନରେ ଭିଆଇପିକୁ ୩ ଟି ଆସନରେ ଲଢିବାକୁ ଦିଆଯାଇଥିଲା ।


**OFFICE OF THE NOTIFIED AREA COUNCIL, NILGIRI, BALASORE.**

No. 3262 Date. 12.09.2025

**e" Procurement Notice**

**BID Identification No. NLGN_06/2025-26**

**The Executive Officer, Nilgiri NAC, Nilgiri, invites Percentage Rate bids in Single Cover Systems** for the following work detailed in the table from the Class of Contractors as mentioned in Col.7 of table registered with the State Governments and contractors of equivalent Grade/Class registered with Central Government/MES/ Railways/ having experience and expertise in Design, Construction, Testing & Commissioning of Similar Type of Works and fulfilling minimum eligibility criteria as stated here under and other detailed qualifying requirements given in the DTCN to be eventually drawn up in the **Standard P-1 Contract Form of Odisha PWD.** The bidders may submit their **E.M.D. Amount** and **paper cost** as mentioned in DTCN. Affidavit and attested copies of PAN, GSTN, CDMS registration certificate and Registration certificate must be submitted through online. The technical bids will be opened on dt. **24.09.2025** at **11.00AM** in the office of the undersigned. The bidders should have necessary portal enrolment (with own digital signature certificate). The registered bidders outside Odisha state can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the state government within a month of acceptance of bid.

1. Name of the Work : Construction, Repair & Colour of K.C High School, Nilgiri under PM SHRI School Scheme.
2. No. of works : 1 no.
3. Estimated Cost : Rs 5,93,221.00
4. Period of Completion : 30days.
5. Date & Time of availability of Bid documents in the Portal : 13.09.2025 at 10.00 A.M. to 23.09.2025 up to 5P.M.
6. Last date & time for receipt : of bids in the portal 23.09.2025 up to 5 P.M.
7. Bids received online shall be opened on : 24.09.2025 at 11.00 AM.
8. Name and address of the officer inviting Bid : Executive Officer, Nilgiri NAC

Further details can be seen from the procurement portal i.e. www.tendersodisha.gov.in

**OIPR: 13179/11/0036/2526**

**Executive Officer**
**Nilgiri, Balasore**


# ୧୯୮୧ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ବାରିପଦା, ୧୩/୯ (ନି.ପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ କୁଜିଡ଼ିହି ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟରେ ୧୯୮୧ - ୮୩ ବ୍ୟାଚର ବନ୍ଧୁ ମାନଙ୍କୁ ନେଇ ଏକ ବନ୍ଧୁମିଳନ ସଭା ଅନୁଷ୍ଠିତ ହୋଇଯାଇଛି ଓ କମଳ ଲୋଚନ ମହାକୁଡ଼ଙ୍କ ଆବାହନରେ ଆୟୋଜିତ ସଭାରେ ବୈକୁଣ୍ଠନାଥ ସାହୁଙ୍କ ସଭାପତିତ୍ୱ କରିଥିଲେ ଓ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ସଞ୍ଜୟ ଚୌଧୁରୀ ଓ ସ୍ୱତନ୍ତ୍ର ଅତିଥି ଭାବେ ସୁକାନ୍ତ ଜୀଉ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାନ୍ତି ବୋଲି ପ୍ରକାଶ କରିଥିଲେ ଓ ପ୍ରଶିକ୍ଷଣ ପ୍ରଦାନ କରିଥିବା ତତ୍କାଳୀନ ଗୁରୁ ଦିବାକର ତ୍ରିପାଠୀ, ଶଶାଙ୍କ ଶେଖର ଆଚାର୍ଯ୍ୟ, ଗଣେଶ ମହାନ୍ତି, ବିଜୟଲକ୍ଷ୍ମୀ ବେହେରାଙ୍କୁ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ବନ୍ଦନା କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ମାନେ ଆଶୀର୍ବାଦ ଲାଭ କରିଥିଲେ ଓ ୨୬ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳ ଶେଷରେ କମଳ ଲୋଚନ ମହାକୁଡ଼ ଓ ପରିତୋଷ ଚୌଧୁରୀ ୪୫ ବର୍ଷ ତଳର ଗୁରୁଛାତ୍ର ଜୀବନର ସ୍ମୃତି ଚାରଣ କରିଥିଲେ ଓ କାର୍ଯ୍ୟକ୍ରମର ସଫଳତା ପାଇଁ ଶ୍ରୀ ମହାକୁଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ଅଶୃଙ୍ଖଳିତ ଯୁବକ

ଜଳେଶ୍ୱର , ୧୩/୯ (ନି.ପ୍ର): ଜଳେଶ୍ୱର ପଞ୍ଚାୟତ ସମିତି ଅଧିନସ୍ତ ବିଭିନ୍ନ ଗ୍ରାମ ପଞ୍ଚାୟତର ଆଜକୁ ଦୀର୍ଘ ଦିନ ଧରି ଖାଦ୍ୟ ସୁରକ୍ଷା ବିଭାଗରେ ଶୃଙ୍ଖଳିତ ଭାବେ ସାଧାରଣ ଲୋକଙ୍କର ବିଭିନ୍ନ କାର୍ଯ୍ୟ ସୁଚାରୁ ରୂପେ ହୋଇ ଆସୁଅଛି କିନ୍ତୁ ଗତ କାଲି କେତେକ ବିଶୃଙ୍ଖଳିତ ବ୍ୟକ୍ତି ବିଶେଷ ମାନେ ସଧାରଣ ଲୋକଙ୍କ କାର୍ଯ୍ୟ ଚାଲିଥିବା ସମୟରେ ଯୋଜନା ବଦ୍ଧ ଭାବେ କାର୍ଯ୍ୟାଳୟକୁ ଆସି ଯୋଗାଣ ଅଧିକାରିଣୀ ଏବ ଡାଟା ଏଣ୍ଟ୍ରି ଅପରେଟଙ୍କୁ ଅଶୋଭନୀୟ ଆଚରଣ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ଉକ୍ତ ବ୍ୟକ୍ତିମାନେ କାର୍ଯ୍ୟାଳୟରେ ଅଯୁକ୍ତକର ବାଟି ତୁଣ୍ଡକୁ ନେଇ ଭିଡ଼ିଓ ଉତ୍ତୋଳନ କରି ମୋବାଇଲ୍ ରୁ ମୋବାଇଲ୍କୁ ଭାଇରାଲ କରିଥିଲେ ଉକ୍ତ ଭାଇରାଲ୍ ଭିଡିଓକୁ ବିଭିନ୍ନ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ମାନେ ଦେଖି ଆଜି ଅପରାହ୍ନରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ସରପଞ୍ଚ ସଂଘ ପକ୍ଷରୁ ଉକ୍ତ ବିଶୃଙ୍ଖଳିତ ବ୍ୟକ୍ତିବିଶେଷଙ୍କ ଉପରେ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଉକ୍ତ ଘଟଣା ସଂମ୍ପର୍କରେ ତଦନ୍ତ କରି କାର୍ଯ୍ୟାଅନୁଷ୍ଠାନପାଇଁ ଅନୁରୋଧ କରାଯାଇଛି ଏହି ଘଟଣା ସମ୍ବନ୍ଧରେ ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରିଙ୍କ ଅବଗତି ନିମନ୍ତେ ପଠାଯାଇଛି ।

## ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ କ୍ୟାରିୟର ପ୍ରଦର୍ଶନୀ

ଭୁବନେଶ୍ୱର , ୧୩/୯ (ନି.ପ୍ର): ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଦୁଇଦିନିଆ କ୍ୟାରିୟର୍ ପ୍ରଦର୍ଶନୀ ଭୁବନେଶ୍ୱରସ୍ଥିତ ପିଏଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩ରେ ଉଦଯାପିତ ହୋଇଯାଇଛି । ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏହାକୁ ଉଦ୍‌ଘାଟନ କରିକହିଛନ୍ତି,'ଜାତୀୟ ଶିକ୍ଷାନୀତି ୨୦୨୦' ଆଧାରରେ ଶିକ୍ଷାର ଗୁଣାତ୍ମକ ବିକାଶ ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏଭଳି ପ୍ରଦର୍ଶନୀ ଦିଗଦର୍ଶନ କରିଥାଏ । ଏହା ସେଚେତନତା ଓ ସକାରାତ୍ମକ କ୍ୟାରିୟର ପାଇଁ ଆଲୋକବର୍ତ୍ତିକା ବୋଲି ସେ କହିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ଏ.କେ. ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କେଭିଏସ୍ ଭୁବନେଶ୍ୱର ଅଂଚଳର ଡେପୁଟି କମିସନର ଡ. ଶିହରଣ ବୋଷସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀର ବଦଳୁଥିବା କ୍ୟାରିୟରଗୁଡ଼ିକର ଉପରେ ଆଲୋକପାତ କରିଥିଲେ । ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷା ବିଭାଗମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ପ୍ରଦର୍ଶନୀ ଆୟୋଜନର ଆବଶ୍ୟକତା ଉପରେ ବିଶଦ ଭାବେ କହିଥିଲେ । ପ୍ରତିଷ୍ଠାନ ପକ୍ଷରୁ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଜବାହର ନବୋଦୟ ବିଦ୍ୟାଳୟ, ନୟାଗଡ଼ର ଅଧକ୍ଷା ଶ୍ରୀମତୀ ସନ୍ଧ୍ୟା ମହାନ୍ତି, ଲେଫ୍‌ଟନାଂଟ ପ୍ରଫେସର ରଶ୍ମିରେଖା ସେଠୀ, ଡ. ପୁଷ୍ପଲତା ନେଗୀ, ଶ୍ରୀ ବି.ଏନ୍. ଷଡ଼ଙ୍ଗୀ ଓଅନ୍ୟ ଶିକ୍ଷକ ବୃନ୍ଦ ଯୋଗ ଦେଇଥିଲେ ।

## ଚେକ୍ ବାଉନ୍ସ ମାମଲାରେ ଆର୍ଥିକଦଣ୍ଡ ସହିତ କାରାବାସ ନିର୍ଦ୍ଦେଶ

ବାସୁଦେବପୁର , ୧୩/୯ (ନି.ପ୍ର): ଏଠାରେ ପ୍ରକାଶ ଯେ ବାସୁଦେବପୁର ସହରର ବ୍ୟବସାୟୀ ନନ୍ଦ କିଶୋର ଶର୍ମା,ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଶ୍ରୀ କିଶୋର କୁମାର ମହାପାତ୍ରଙ୍କ ଠାରୁ ଦୁଇଲକ୍ଷ ପଚାଶ ହଜାର ଟଙ୍କା ଧାର ସୂତ୍ର ରେ ନେଇଥିଲେ, କିନ୍ତୁ ଠିକ୍ ସମୟରେ ଫେରାଇ ପାରି ନ ଥିଲେ, ବାରମ୍ବାର ଶର୍ମାଙ୍କୁ ଶ୍ରୀ ମହାପାତ୍ର ମାଗି ଚାଲିଥିଲେ। ଶେଷରେ ଶର୍ମା ୦୭.୧୨.୨୦୧୮ ରେ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଚେକ୍ ଶ୍ରୀ ମହାପାତ୍ରଙ୍କୁ ପ୍ରଦାନ କରି, ବ୍ୟାଙ୍କ୍‌ରୁ ନେଇଯିବାକୁ କହିଥିଲେ, ସେହି ଚେକ୍ ଗୁଡ଼ିକ ମଧ ବ୍ୟାଙ୍କ୍‌ରୁ ଅର୍ଥ ନ ଥିବାରୁ ବାଉଁନସ ହୋଇଥିଲା. ସେହି ଚେକ୍ ଗୁଡ଼ିକ ନେଇ ଶ୍ରୀ ମହାପାତ୍ର ବାସୁଦେବପୁର JMFC,(TRAIL) କୋର୍ଟରେ ଅଭିଯୋଗ କରିଥିଲେ। ଏହାକୁ କୋର୍ଟ ଗ୍ରହଣ କରି ମକଦ୍ଦମା ନ ୧ସିସି ୧୨/୨୦୧୯ରେ ବିଚାର କରି ଗତ ୧୦.୯.୨୫ରେ ମୁଦଲା ନନ୍ଦକିଶୋର ଶର୍ମାଙ୍କ ବିରୋଧରେ ରାୟ ପ୍ରକାଶ କରି ଦୁଇ ମାସ ଜେଲ୍ ଦଣ୍ଡ ସହିତ ଆର୍ଥିକ ଦଣ୍ଡ ମଧ୍ୟ ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତିକୁ ମାନ୍ୟବର ବିଚାରପତି ବୈଶାଳୀ ବାହୁବଳେନ୍ଦ୍ର ଶୁଣାଇଥିବା ବେଳେ ଅଭିଯୋଗ କାରିଙ୍କ ତରଫରୁ ବରିଷ୍ଠ ଆଡଭୋକେଟ ସ୍ମୃତିରଂଜନ ପଳିତା ପରିଚାଳନା କରୁଥିବା ବେଳେ, ମୁଦାଲାଙ୍କ ତରଫରୁ ବରିଷ୍ଠ ଆଡଭୋକେଟ ପ୍ରଦୀପ କୁମାର ମହାନ୍ତି (ଏ) ପରିଚାଳନା କରୁଥିଲେ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ପ୍ରଥମ ପ୍ରତିକ୍ରିୟାକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ



ଭୁବନେଶ୍ୱର, ୧୩/୯ (ନି.ପ୍ର): ୨୦୨୫ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ, ୧୦୮ ଆମ୍ବୁଲାନ୍ସ ଟିମ ଭୁବନେଶ୍ୱରର 'ବାୟୁସେନା ଚୟନ କେନ୍ଦ୍ର'ରେ ଏକ ଜରୁରୀକାଳୀନ ପ୍ରଥମ ପ୍ରତିକ୍ରିୟାକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରୁପ୍ କ୍ୟାପଟେନ୍ ଶ୍ରୀ ସଞ୍ଜୟ ପଟ୍ଟନାୟକ ଓ ୧୦୮ ଆମ୍ବୁଲାନ୍ସ ସେବାର ରାଜ୍ୟ ମୁଖ୍ୟ ଶ୍ରୀ ସବ୍ୟସାଚୀ ବିଶ୍ୱାଳ ଉପସ୍ଥିତ ଥିଲେ । ୨୦୧୩ ମାର୍ଚ୍ଚ ୫ରୁ ରାଜ୍ୟରେ ଆରମ୍ଭ ହୋଇଥିବା ୧୦୮ ଆମ୍ବୁଲାନ୍ସ, ଜରୁରୀକାଳୀନ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାବାସୀଙ୍କ ପ୍ରତି ଦେଇଆସୁଥିବା ଅବିରତ ସେବା ଓ ଏହାର କାର୍ଯ୍ୟକାରିତା ବିଷୟରେ ଅଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏମ୍ରୀ ଗ୍ରୀନ ହେଲଥ ସର୍ଭିସେସ ର ତାଲିମ ପ୍ରାପ୍ତ ପ୍ରଶିକ୍ଷକ ପ୍ରମିତ ପ୍ରିୟଦର୍ଶନ ପଣ୍ଡା ପରିଚାଳନା କରିଥିଲେ। ସେ ବାୟୁସେନା କର୍ମଚାରୀମାନଙ୍କୁ ହୃଦ୍‌ଘାତ, ମୂର୍ଚ୍ଛା ଯିବା, ନିଶ୍ୱାସ ନେବାରେ ଅସୁବିଧା, ରକ୍ତସ୍ରାବ ନିୟନ୍ତ୍ରଣ, ସ୍ପ୍ଲିଣ୍ଟିଂ, ବ୍ୟାଣ୍ଡେଜ୍, କୀଟପତଙ୍ଗ କାମୁଡ଼ା, ପଶୁ ଆକ୍ରମଣ ଓ ସାପ କାମୁଡ଼ା ପରି ଜରୁରୀକାଳୀନ ପରିସ୍ଥିତିରେ କିପରି ଜରୁରୀକାଳିନ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇପାରିବ, ତାହା ସମ୍ବନ୍ଧିତ ପ୍ରାୟୋଗିକ ପ୍ରଶିକ୍ଷଣ ସହିତ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ହୃଦ୍‌ଘାତ ମାମଲା ପାଇଁ ଜୀବନରକ୍ଷାକାରୀ ପ୍ରଣାଳୀ ବା କାର୍ଡିଓପଲମୋନାରୀ ରିସାସିଟେସନ୍ (ସିପିଆର) ପ୍ରଶିକ୍ଷଣ । ଗ୍ରୁପ୍ କ୍ୟାପଟେନ୍ ସଞ୍ଜୟ ପଟ୍ଟନାୟକ ଏହି ପ୍ରଶିକ୍ଷଣ ପଦକ୍ଷେପକୁ ସ୍ୱାଗତ କରିଥିଲେ ଏବଂ ଭବିଷ୍ୟତରେ ଅଧିକ କର୍ମଚାରୀଙ୍କୁ ଏହିପରି ତାଲିମ ଦେବା ପାଇଁ ନିଜ ପରିସରରେ ଏହିପରି ଏକାଧିକ କାର୍ଯ୍ୟକ୍ରମ ନିୟମିତ ଭାବରେ ଆୟୋଜନ କରିବାକୁ ଅନୁରୋଧ କରିଥିଲେ। ୧୦୮ ଆମ୍ବୁଲାନ୍ସ ସେବାର ରାଜ୍ୟ ମୁଖ୍ୟ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଓଡ଼ିଶାରେ ଏମ୍ରି ଗ୍ରୀନ ହେଲଥ ସର୍ଭିସେସ ଦ୍ୱାରା ପରିଚାଳିତ ୧୦୮ ଆମ୍ବୁଲାନ୍ସ ସେବା, ଜରୁରୀକାଳୀନ ସମୟରେ ନାଗରିକଙ୍କ ସେବା କ୍ଷମତା ବୃଦ୍ଧି କରିବା ଓ ସଚେତନତା ପ୍ରସାର ପାଇଁ ସଦା ପ୍ରତିବଦ୍ଧ ରହିଛି ଏବଂ ଏହି ଭଳି କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଆୟୋଜନ କରାଯାଇ ଜନସାଧାରଣମାନଙ୍କୁ ଜରୁରୀକାଳୀନ ସମୟରେ କିପରି ପ୍ରାଥମିକ ଚିକିତ୍ସାର ପ୍ରଶିକ୍ଷଣ ଦିଆଯିବ ।

# ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନଙ୍କ ଦ୍ୱାରା ଜିଲ୍ଲାରେ ବିଭିନ୍ନ ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା



ବାରିପଦା , ୧୩/୯ (ନି.ପ୍ର): ଆଜି ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜିଲ୍ଲାର ବିଭିନ୍ନ ପ୍ରକାର ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ମାନ୍ୟବର ବିଧାୟକ ବାରିପଦା, ଶ୍ରୀ ପ୍ରକଶ ସୋରେନ, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ପୂର୍ବାଞ୍ଚଳ ପୋଲିସ ଡି ଆଇ ଜି ଶ୍ରୀ ପିନାକ ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରା ନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୌତମ କିଷାନ, ଶ୍ରୀ ଦୀପକ କୁମାର ଗୋଛାୟତ, ଶ୍ରୀମତୀ ସବିତା ମାଝୀ, ଅବକାରୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର କହଁର,ବିଭିନ୍ନ ଥାନା ଅଧିକାରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ଶ୍ରୀ ରଜନୀ କାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜିଲ୍ଲାରେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପ୍ରକାର ଅପରାଧ ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ଏକ ବିସ୍ତୃତ ବିବରଣୀ ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିଥିଲେ ଏବଂ ଅପରାଧ ହାର ହ୍ରାସ ତଥା ଆଇନ ଶୃଙ୍ଖଳା ପରିସ୍ଥିତି ଉପଯୁକ୍ତ ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ କି କି ପଦକ୍ଷେପ ନିଆଯାଉଛି ସେ ବିଷୟରେ ଅବଗତ କରାଇବା ସହ ଜିଲ୍ଲାରେ ପୋଲିସ ପ୍ରଶାସନର ସୁଗମ ତଥା ଅଧିକ କ୍ରିୟାଶୀଳ କରିବା ପାଇଁ ଆଉ କଣ କଣ ସାଧନର ଅବଶ୍ୟକତା ଅଛି ସେ ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୀକ୍ଷା ଅବସରରେ ମାନ୍ୟବର ମନ୍ତ୍ରୀ ବିଶେଷ କରି ବିଭିନ୍ନ ପ୍ରକାର ହତ୍ୟା, ଚୋରି, ରାହାଜାନି, ଛିନତାଇ, ଠକେଇ, ପ୍ରତାରଣା, ଅପହରଣ,ବ୍ରାଉନ ସୁଗାର, ଚରସ, ଗଂଜେଇ, କଫ ସିରାପ ତଥା ବେଆଇନ ଦେଶୀ ମହୁଲି ମଦ, ବିଷକ୍ତ ମଦ ଓ ଗୁଟଖା, ଜର୍ଦା। ଇତ୍ୟାଦି ନିଶା ଦ୍ରବ୍ୟ କାରବାର, ଯୌତୁକ ଜନିତ ଅତ୍ୟାଚାର -ହତ୍ୟା, ବେଆଇନ ଯୁବତୀ/ମହିଳା ଚୋରା ଚାଲାଣ, ଘରୋଇ ହିଂସା ଜନିତ ହତ୍ୟା, ଜମିଜମା ବିବାଦ ଜନିତ ହତ୍ୟା, ବାଲି, ମୋରମ ଇତ୍ୟାଦି ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ, ବେଆଇନ ଶ୍ରମିକ ଚାଲାଣ, ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା, ଗୋ ମାଂସ ବିକ୍ରି, ଗୋ ହତ୍ୟା ଓ ଗୋ ଚାଲାଣ, ମଦ୍ୟ ପାନ ଜନିତ ସଡ଼କ ଦୁର୍ଘଟଣା, ଟ୍ରାଫିକ ନିୟମ ଅବମାନନା ଜନିତ ମୃତ୍ୟୁ, ସାଇବର ଠକେଇ ଇତ୍ୟାଦି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ।

ସମୀକ୍ଷା ପରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ଏକ ଶାନ୍ତିପ୍ରିୟ ଜିଲ୍ଲା। ମାତ୍ର ସମୟର ପରିବର୍ତ୍ତନ ଧାରାରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଅପରାଧ ଦୃଷ୍ଟିକୁ ଆସୁଛି । ତେଣୁ ଅପରାଧକୁ ରୋକିବା ପାଇଁ ଅଧିକ ଜାଗ୍ରତ ହେବାକୁ ପଡିବ ଏବଂ ପ୍ରବର୍ତ୍ତନକୁ ଅଧିକ ସକ୍ରିୟ କରିବାକୁ ପଡିବ। ଯେପରିକି ବିଷକ୍ତ ମଦ କାରବାରକୁ ରୋକିବା ପାଇଁ ଅବକାରୀ ଓ ପୋଲିସ ମିଳିତ ଭାବେ ନିୟମିତ ବ୍ୟବଧାନରେ ଅଚାନକ ଚଢ଼ାଉ କରିବାର ଆବଶ୍ୟକତା ରହିଛି, ସେହିପରି ଟ୍ରାଫିକ ନିୟମକୁ କଡାକଡି ଭାବେ କାର୍ଯ୍ୟକାରିତା ପାଇଁ ପୋଲିସ, ଅବକାରୀ ଓ ପରିବହନ ବିଭାଗ ଅଧିକାରୀ ମାନେ ମିଳିତ ଭାବେ ଉଦ୍ୟମ କରିବା ଉଚିତ। ଏମିତି କିଛି କିଛି ଅପରାଧ ରହିଛି ଯାହାକି କେବଳ ପୋଲିସ ବିଭାଗ ଦ୍ୱାରା ରୋକା ଯାଇ ପାରିବ ନାହିଁ। ପୋଲିସ ବିଭାଗ ସହିତ ଅନ୍ୟ ବିଭାଗର ସମନ୍ୱୟରେ ରୋକାଯାଇ ପାରିବ। ଏହି ଅବସରରେ ମନ୍ତ୍ରୀ ସରକାରୀ ଜମି ଜବରଦଖଲ ଉଚ୍ଛେଦ ଉପରେ ଅଗ୍ରାଧିକାର ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜିଲ୍ଲାରେ ଅପରାଧ ହାର କମାଇବା ତଥା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଉପଯୁକ୍ତ ଭାବେ ବଜାୟ ରଖିବା ପାଇଁ ପୋଲିସ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ଅଧିକ ଭିତ୍ତିଭୂମି ଯୋଗାଇବା, ପେଟ୍ରୋଲିଙ୍ଗ ପାଇଁ ଯାନ, ଅପରାଧ ନିୟନ୍ତ୍ରଣ ପାଇଁ ସି ସି ଟିଭି ଇତ୍ୟାଦିର ବ୍ୟବସ୍ଥା ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ।

ରବିବାର, ସେପ୍ଟେମ୍ବର ୧୪, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭଦ୍ରକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ , ୧୩/୯ (ନି.ପ୍ର): ୫୦୪୪୩୮୧୨. ୬୫ ଟଙ୍କାରେ ୧୨୮୦ ଟି ମୋକଦ୍ଦମା ଆପୋଷ ସମାଧାନ: ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରି ଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ର ଭାରପ୍ରାପ୍ତ ସଚିବ ଶ୍ରୀମତୀ ଅରୋଲିପି ପରିଜା ଏହି ଲୋକ ଅଦାଲତ କୁ ପରିଚାଳନା କରି ଥିଲେ । ମୋଟ ୫୦୪୪୩୮୧୨,୬୫ ଟଙ୍କାରେ ୧୨୮୦ ଟି ମୋକଦ୍ଦମମା ର ଆପୋଷ ସମଧାନ ହୋଇ ଥିଲା । ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ ର ବିଚାରାଧୀନ ଥିବା ୪୨ ଟି ମାମଲାର ୩୧୭୨୧୭୦୦ ଟଙ୍କାରେ, ୪୫ ଟି ଚେକ ବୌନ୍ସ, ପୁନଃରୁଦ୍ଧାର ମାମଲା ୭୫୩୧୮୪୧ ଟଙ୍କାରେ, ୩୦ ଟି ବୈବାହିକ ବିବାଦ, ୫୯୨ ଟି ରାଜସ୍ୱ ମୋକଦ୍ଦମା, ୧୩୨୩୫୩ ଟଙ୍କାରେ, ୧୧୩ ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୨୬୮ ଟି ବ୍ୟାଙ୍କ ଋଣ ମାମଲା ୬୭୫୭୦୭୯ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ ର ଟେଲିଫୋନେ ବିଲ ସମ୍ବନ୍ଧୟ ୧୧ ଟି ମାମଲା ୨୧୪୮୨ ଟଙ୍କାରେ, ବିଦ୍ୟୁତ୍ ବିଭାଗ ର ୫୭ଟି ମାମଲା ୧୨୦୫୦୦୦ ଟଙ୍କାରେ ଆପୋଷ ବୁଝା ମଣା ମାଧ୍ୟମରେ ସମାଧାନ କରା ଯାଇ ଅଛି ।



## ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚୋରୀ: ଚୋରର ସନ୍ଧାନ ମିଳିନି

ବୈଶିଙ୍ଗା , ୧୩/୯ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ରାତିରେ ଚୋରି ହୋଇଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ଶନିବାର ସକାଳ ସ୍କୁଲ ଥିବା ଯୋଗୁଁ ଶିକ୍ଷୟିତ୍ରୀ ମାନେ ସକାଳ ୬ ଟା ସମୟରେ ଆସି ଦେଖିବା ବେଳକୁ ତାଲା ଭଙ୍ଗା ଯାଇ ଅଫିସ ଖୋଲା ପଡ଼ିଥିଲା ଏବଂ ଆଲମିରା ଭଙ୍ଗା ଯାଇ ଆସବାବପତ୍ର ଏଣେତେଣେ ବିଛାଡି ହୋଇ ପଡ଼ିଥିଲା। ସଙ୍ଗେସଙ୍ଗେ ପ୍ରଧାନଶିକ୍ଷୟିତ୍ରୀ ସୁବାସିନୀ ପଣ୍ଡିତ ଥାନାକୁ ଜଣାଇଥିଲେ।




ଖବରପାଇ ପୋଲିସର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ଅଫିସ ଗଡରେଜ୍ ଆଲମିରା ଓ ଲକର୍ ଭଙ୍ଗା ଯାଇ ଦୁଇଟି ସାମସଙ୍ଗ ଟାବଲେଟ, ଆହୂଜା କମ୍ପାନୀର ମ୍ୟୁଜିକ ସିଷ୍ଟମ , ସାମସଙ୍ଗ କମ୍ପାନୀର ୪୨ ଇଞ୍ଚ ଏଲସିଡି, ୧୨୦୦ ଟଙ୍କା , ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଇତ୍ୟାଦି ଚୋରି ହୋଇଯାଇଥିବା ଜାଣିବାକୁ ମିଳିଥିଲା। ତେବେ ପୋଲିସ ପକ୍ଷରୁ ଫରେନସିକ୍ ଟିମ୍ ପଠାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିବା ସୂଚନା ମିଳିଛି ।

## ହୀରାକୁଦ ଜଳଭଣ୍ଡାରରୁ ୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୧୩/୯ (ନି.ପ୍ର): ଶନିବାର ସକାଳ ୯ଟା ସୁଦ୍ଧା ୫ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଚାଲିଥିବା ବେଳେ ପରେ ସକାଳ ୧୦ଟା ସୁଦ୍ଧା ୩ଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ସନ୍ଧ୍ୟା ୬ଟା ସୁଦ୍ଧା ମୋଟ୍ ୨ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ ର ଗୋଟିଏ ଓ ଡାହାଣ ପାର୍ଶ୍ୱ ଡାଇକ୍ ର ଗେଟିଏ ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୨୮.୯୧ ଫୁଟ୍ ରହିଛି।

## ଇଫକୋ ପାରାଦୀପ ୟୁନିଟ୍‌କୁ ସିଆଇଆଇ ପୂର୍ବାଂଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାର

ପାରାଦୀପ, ୧୩/୯ (ନି.ପ୍ର): ବିଶ୍ୱର ସର୍ବବୃହତ୍ତ ସମବାୟଭିତିକ ସାର କାରଖାନା ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍‌କୁ ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଦ୍ୱାରା ୨୦୨୪-୨୫ ବର୍ଷ ନିମନ୍ତେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ବୃହତ ଉତ୍ପାଦନ କ୍ଷେତ୍ର ବର୍ଗରେ ସମ୍ମାନଜନକ ସିଆଇଆଇ ପୂର୍ବାଂଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ(ଏସଏଚଇ)ପୁରସ୍କାର ପ୍ରଦାନ କରାଯାଇଛି । କୋଲକାତାର ଆଇଟିସି




ସୋନାରଠାରେ ଅନୁଷ୍ଠିତ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀ ଚଳିତ ମାସ ୧୧ଓ୧୨ ତାରିଖ ଦୁଇ ଦିନିଆ ସମାରୋହରେ ସିଆଇଆଇ ପୂର୍ବାଂଚଳ ସୁରକ୍ଷା ସବ୍ କମିଟି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଇଏସସି ଲିମିଟେଡ୍ ସ୍ନେହାସିସ୍ ସମାଦାରଙ୍କ ଠାରୁ ଇଫକୋର ଅଗ୍ନି ଏବଂ ସୁରକ୍ଷା ବିଭାଗର ଯୁଗ୍ମ ସାଧାରଣ ପରିଚାଳକ ରଂଜିତ୍ କୁମାର ସ୍ୱାଇଁ ଓ ଡେପୁଟି ମ୍ୟାନେଜର ଆଦିଲ ଓାକର ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ । ସମଗ୍ର ବିଶ୍ୱରେ ଫସଫେଟିକ୍ ସାର ଉତ୍ପାଦନ କ୍ଷେତ୍ରରେ ସର୍ବାଗ୍ରେ ଥିବା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍ କାର୍ଯ୍ୟଦକ୍ଷତା ନିମନ୍ତେ ୨୦୨୪-୨୫ ମସିହା ପାଇଁ ସିଆଇଆଇ ପୂର୍ବାଂଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ(ଏସଏଚଇ)ପୁରସ୍କାର ହାସଲ କରି ପର୍ନବାର ନିଜର ସ୍ୱାତନ୍ତ୍ରତା ଜାହିର କରିଛି । ପ୍ରକାଶଥାଉକି, ସିଆଇଆଇ ଦ୍ୱାରା ବୃହ ସ୍କେଲ ଉତ୍ପାଦନ ବର୍ଗରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ଇଫକୋ ପାରାଦୀପ ୟୁନିଟ୍‌ର ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ୱୀକୃତି ଦେଇଥାଉ ।

## ଭଙ୍ଗାଛପର ତଳେ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ରନ୍ଧା ଚାଲିଛି ମଧ୍ୟାହ୍ନ ଭୋଜନ

ନୀଳଗିରି, ୧୩/୯ (ନି.ପ୍ର): ଭଙ୍ଗାଛପର ତଳେ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ଭାବେରନ୍ଧା ଚାଲିଛି ମଧ୍ୟାହ୍ନ ଭୋଜନ। ସରକାରୀ ଅର୍ଥ ଆସି କାମ ଆରମ୍ଭ ହେବାର ଦୁଇବର୍ଷ ବିତିଲା। ଏବେବି ଅଧାପନ୍ତରିଆ ହୋଇ ପଡିରହିଛି ଗେନ୍ଦ୍ରାସାହି ପ୍ରାଥମିକ ବିଦ୍ୟାଳୟର ରୋଷେୟୀ ଶାଳ। ସୂଚନାଯୋଗ୍ୟ ନୀଳଗିରି ପଞ୍ଚାୟତସମିତି ଅଧୀନ ନରଣପୁର ପଞ୍ଚାୟତ ଗେନ୍ଦ୍ରାସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୨୩/୨୪ମର୍ସିହାରେ ୧୩ତମ ସିଏଫସି ଯୋଜନାରେ ଉକ୍ତ ବିଦ୍ୟାଳୟର ଉନ୍ନତିକରଣ ପାଇଁ ବିଭାଗ ନାମରେ କାର୍ଯ୍ୟାଦେଶ ଥାଇ ୧ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ଆସିଥିଲା। ମାତ୍ର ଏହି ଟଙ୍କାରେ ୧୦/୧୦ରେ ଏକ ରୋଷେଇଗୃହ ନିର୍ମାଣ କରାଯାଇଥିଲେ ହେଁ




ଦୁଇବର୍ଷରୁ ଉର୍ଦ୍ଧ ସମୟ ବିତିଯାଇଥିଲେ ମଧ ଏହା ଏବେବି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଉକ୍ତ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ରୋଷେଇପାଇଁ ଭଙ୍ଗା ଆଜବେଷ୍ଟ ତଳେ ବିପଦପୂର୍ଣ୍ଣ ଭାବେ ଚାଲିଛି ରୋଷେଇ। ରୋଷେୟାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଠିକାଦାର ଜଣକ ଅଧାରୁ କାମବନ୍ଦ କରି କେଉଁଆଡେ ନିଖୋଜ ହୋଇଯାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷାରେ ଭିଜି ରୋଷେଇଆ ରୋଷେଇ କରୁଥିବା ବେଳେ ତୁରନ୍ତ ଉକ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି।ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ କଳାକାର ନାୟକଙ୍କୁ ପଚାରିବାରୁ ସେ ଅବସ୍ଥା ତୋ ଆପଣଙ୍କ ଆଖିଆଗରେ ରହିଛି।ମୁଁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତି କରୁଛି, ହେଲେ ଫଳ ଶୁନ ବୋଲି କହିଛନ୍ତି।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଆପାତକାଳୀନ ଦିବସ ପାଳିତ

ନୀଳଗିରି, ୧୩/୯ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଆପାତକାଳୀନ ଦିବସ ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନାଚକ୍ରରେ ନୀଳଗିରି ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜବିଭାଗର ଡାକ୍ତର ଡ଼ଃ ଶୁଭ୍ରାଂଶୁ ଶେଖର ପରିଡ଼ା ଯୋଗଦେଇ ଛାତ୍ରୀମାନଙ୍କୁ ଆପାତକାଳୀନ ଚିକିତ୍ସା ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟଅତିଥି ଭାବରେ ଆପାତକାଳୀନ ଚିକିତ୍ସା ତାଲିମପ୍ରାପ୍ତ ଅଧ୍ୟାପିକା ସୁଷମା ଭୋଳ, ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପିକା ମମତାପ୍ରିୟଦର୍ଶିନୀ ସାହୁ, ମୌସୁମୀ ଭୋଳ, ପବିତ୍ରା ବେହୁରିଆ ଯୋଗଦେଇ ବହୁତଥ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ୟୁଥ୍ ରେଡ କ୍ରସ୍ ଓ ରେଡ୍ ରିବନ୍ କ୍ଲବର କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ପରିଚାଳନା କରିବାସହ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଯୋଗଦାନ କରିଥିଲେ ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଫାଷ୍ଟ ଏଡ଼ ଡ଼େ ଆଲୋଚନାଚକ୍ର ଅନୁଷ୍ଠିତ

ଭଦ୍ରକ , ୧୩/୯ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପ୍ରାଥମିକ ଚିକିତ୍ସା ଦିବସ ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ବରିଷ ନାଗରିକ ମଞ୍ଚର ସଭାପତି ସମାଜସେବୀ ଲଲାଟେନ୍ଦୁ ମହାନ୍ତି ଯୋଗ ଦେଇ 'ଫାଂଷ୍ଟ ଏଡ଼ ଡ଼େ'ର ଇତିବୃତ୍ତସହ ଆଜିକାର ପାଣିପାଗ ପରିବର୍ତ୍ତନ ସମ୍ବନ୍ଧିତ ଶୀର୍ଷକ ଉପସ୍ଥାପନ କରିଥିଲେ ।




ଅନ୍ୟତମ ଅତିଥି ଶୁକଦେବ ପଣ୍ଡା । ଅକ୍ଷୟ ପାଣିଗ୍ରାହୀ ଓ ପ୍ରଭାବୀ ନାୟକ ପ୍ରମୁଖ ଯୋଗଦେଇ ଉକ୍ତ ଦିବସର ମାହାତ୍ମ୍ୟ ଓ ଉପାଦେୟତା ସଂପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ସର୍ବଶ୍ରୀ ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ମଞ୍ଜୁଲତା ମହାପାତ୍ର ଓ ଗୌରାଙ୍ଗ ଦାସ ପ୍ରମୁଖ ସହାୟତା କରିଥିଲେ। ପରିଶେଷରେ ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।

## କବିବର ରାଧାନାଥ ରାୟଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର , ୧୩/୯ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କବିବର ରାଧାନାଥ ରାୟଙ୍କ ଜନ୍ମପୀଠ କେଦାରପୁରଠାରେ ସ୍ଥାପିତ କବିବର ରାଧାନାଥ ରାୟଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ବାଲେଶ୍ୱର ଜିଲ୍ଲା ପ୍ରଶାସନ, ସୋର ବ୍ଲକ ପ୍ରଶାସନ ଏବଂ କବିବର ରାଧାନାଥ ସ୍ମୃତି ସଂସଦ, କେଦାରପୁରର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅନାବରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବରେଣ୍ୟ ଅତିଥି ଭାବେ ବିଧାୟକ, ସୋର ମାଧବ ଧଡା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱର ହେମନ୍ତ କୁମାର ସିଂହ, ସୋର



ପଞ୍ଚାୟତ ସମିତି ଅଧକ୍ଷା ଅନୁସୟା ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟ, ୪୫ ନଂ ଜୋନ ଜୟରାମ ଦାସ, କେଦାରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସୁପ୍ରିୟା ଜେନା, ସମିତି ସଭ୍ୟ, କେଦାରପୁର ଗ୍ରାମ ପଞ୍ଚାୟତ ରାଜେଶ କୁମାର ନାୟକ, କବିବର ରାଧାନାଥ ସ୍ମୃତି ସଂସଦର ସମ୍ପାଦକ ଶୁଭେନ୍ଦୁ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ କବିବର ରାଧାନାଥ ରାୟଙ୍କ ଅଧିଷ୍ଠିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତତ ପରେ ବେଦମନ୍ତ୍ର ପାଠ ସହ ନୂତନ ଭାବେ ସ୍ଥାପିତ କବିବର ରାଧାନାଥ ରାୟଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତିର ଅନାବରଣ କରାଯାଇଥିଲା । ଏହା ପରେ କବିବରଙ୍କ ସ୍ମୃତିରେ "ରାଧାନାଥଙ୍କ ପାଇଁ ଗଛଟିଏ" ଆଧାରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ତତ ଉପରାନ୍ତ ଭାରତଗୀତିକା ଗାନ ସହ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବାଲେଶ୍ୱର ହେମନ୍ତ କୁମାର ସିଂହଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କବିବରଙ୍କ ରଚିତ କବିତା ପାଠ କରାଯାଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ରାଧାନାଥଙ୍କ ଭୂମିକା ଓ ପୂଜ୍ୟପୂଜାର ସଂସ୍କୃତିର ଉପଯୁକ୍ତ ରୂପାୟନ ନିମନ୍ତେ ଓଡ଼ିଶା ସରକାର ପ୍ରତିବଦ୍ଧ ବୋଲି ଉଲ୍ଲେଖ କରିଥିଲେ । ବରେଣ୍ୟ ଅତିଥି ଭାବେ ସୋର ବିଧାୟକ ମାଧବ ଧଡା ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ରାଧାନାଥ ରାୟଙ୍କ ଚେୟାର ସ୍ଥାପନ ନିମନ୍ତେ ପ୍ରଚେଷ୍ଟା କରାଯିବା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ସୋର ପଞ୍ଚାୟତ ସମିତି ଅଧକ୍ଷା ଅନୁସୟା ମଲ୍ଲିକ ରାଧାନାଥ ରାୟଙ୍କ ଜନ୍ମପୀଠର ସୌନ୍ଦର୍ଯ୍ୟୀକରଣ, ଜିଲ୍ଲା ପରିଷଦ ସଦସ୍ୟ, ୪୫ ନଂ ଜୋନ ଜୟରାମ ଦାସ ରାଧାନାଥଙ୍କ ନାମରେ ଶିକ୍ଷାନୁଷ୍ଠାନର ନାମକରଣ ତଥା ଜନ୍ମପୀଠର ଉତ୍ତରୋତ୍ତର ବିକାଶ, ସରପଞ୍ଚ, କେଦାରପୁର ଗ୍ରାମ ପଞ୍ଚାୟତ ସୁପ୍ରିୟା ଜେନା ପୂଜ୍ୟ ପୂଜା ପରମ୍ପରାର ରକ୍ଷା, ସମିତି ସଭ୍ୟ, କେଦାରପୁର ଗ୍ରାମ ପଞ୍ଚାୟତ ରାଜେଶ କୁମାର ନାୟକ ଜନ୍ମପୀଠର ବିକାଶ ଏବଂ କବିବର ରାଧାନାଥ ସ୍ମୃତି ସଂସଦର ସମ୍ପାଦକ ଶୁଭେନ୍ଦୁ କୁମାର ରାୟ ରାଧାନାଥଙ୍କର ଜନ୍ମପୀଠର ଇତିବୃତ୍ତି ସମ୍ପର୍କରେ ଧାରଣା ଓ ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଚେଷ୍ଟା ସମ୍ପର୍କରେ ସେମାନଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ।

## ବୈଶିଙ୍ଗା ହସ୍ପିଟାଲର ଉନ୍ନତି ପାଇଁ ଶିବାଜୀ ଯୁବକ ସଂଘର ଅଭିନବ ପ୍ରୟାସ

ବୈଶିଙ୍ଗା , ୧୩/୯ (ନି.ପ୍ର): ବୈଶିଙ୍ଗା ହସ୍ପିଟାଲର ସର୍ବାଙ୍ଗୀନ ଉନ୍ନତି ପାଇଁ ବୈଶିଙ୍ଗା ସ୍ଥିତ ଶିବାଜୀ ଯୁବକ ସଂଘ ପକ୍ଷରୁ ଏକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ବାକୁ ନେଇ ସଂଘ ପକ୍ଷରୁ ସଂପାଦକ ସୀତାକାନ୍ତ ମହାପାତ୍ର ଏକ ଶ୍ୱେତପତ୍ର ଜାରି କରିଛନ୍ତି। ତାଙ୍କ ଶ୍ୱେତପତ୍ର ରେ ସେ ଉଲ୍ଲେଖ କରିଛନ୍ତି ଯେ ଶ୍ରହେ ବର୍ଷ ପୂର୍ବରୁ ମୟୂରଭଞ୍ଜ ମହାରାଜା ଙ୍କ ଦ୍ୱାରା ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ଏକ ଡାକ୍ତରଖାନା ସ୍ଥାପନା କରିଥିଲେ। ଆଜି ପର୍ଯ୍ୟନ୍ତ ରୂପରେଖ ର କୌଣସି ପରିବର୍ତ୍ତନ ହୋଇନାହିଁ । ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ସେହି ଆଞ୍ଚଳିକ ଡାକ୍ତରଖାନା ଭାବେ କାର୍ଯ୍ୟ କରୁଛି । ଦୈନିକ ୪/୫ଶହ ଆଉଟଡୋର ରୋଗୀ ଆସୁଥିବା ବେଳେ ଜଣେ ନିୟମିତ ଡାକ୍ତର, ଜଣେ ଡେପୁଟେସନ୍ ଡାକ୍ତର ଏବଂ ଜଣେ ଆୟୁଷ ଡାକ୍ତର ସେବା ଯୋଗାଇ ଆସୁଛନ୍ତି।ଗୁରୁତର ରୋଗୀ ଏବଂ ପ୍ରସୂତୀ ଙ୍କୁ ରେଫର୍ କରି ଦିଆଯାଉଛି । ନୂଆ ଡ଼ୀ ପାଇଁ ପୂର୍ବ ସରକାର ଙ୍କ ତରଫରୁ ୫କୋଟି ୨ ଲକ୍ଷ ଟଙ୍କା ମଞ୍ଜୁରୀ କରା ଯାଇଥିଲା ।୨୦୨୧-୨୨ ଆର୍ଥିକ ବର୍ଷ ଠାରୁ ଏହି ମଞ୍ଜୁରୀ ମିଳିଥିଲେ ମଧ ଅଦ୍ୟାବଧି ଦୁଇ କୋଟି ଟଙ୍କାର ଏକ ବିଲ୍ଡିଂ, ଏକ ଆଶା ଗୃହ, ଶବ ଗୃହ ଏବଂ କିଛି ରାସ୍ତା ବାବଦରେ ୨୪ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ଜଣାଯାଇଛି । ବାକି ୨କୋଟି ୭୮ ଲକ୍ଷ ଟଙ୍କାର ହିସାବ ନାହିଁ କି କାମ ବି ନାହିଁ । ଏ ବିଷୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ସଂଯୁକ୍ତ ଜେ.ଇ.ଠାରୁ ସୂଚନା ଅନୁଯାଇ ଏହି ଟଙ୍କାର କାମ କରିବା ପାଇଁ ଜିଲ୍ଲା ଗ୍ରାମ୍ୟ ନିର୍ମାଣ ବିଭାଜନଙ୍କ ଦାୟିତ୍ୱ ଦିଆଯାଇଛି । ଏଥି ପାଇଁ ଶିବାଜୀ ଯୁବକ ସଂଘ ପକ୍ଷରୁ ସଂପୃକ୍ତ ବିଭାଗରୁ ସୂଚନା ଅଧିକାର ଆଇନ ବଳରେ ଏକ ତଥ୍ୟ ପାଇଁ ଆବେଦନ କରାଯାଇଛି। ଏତଦ ବ୍ୟତୀତ ଆଜି ପର୍ଯ୍ୟନ୍ତ ବୈଶିଙ୍ଗା ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ମିଳି ପାରିନାହିଁ । ଏହି ମାନ୍ୟତା ପାଇବା ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଥିଲେ ମଧ ରାଜନୈନିତ ପୃଷ୍ଠପୋଷକ ଅଭାବରୁ ଏହି ସୁବିଧା ମିଳି ପାରିନାହିଁ । ଏହାର ପରିପୂରଣ ପାଇଁ ଶିବାଜୀ ଯୁବକ ସଂଘ ଆଗକୁ ଆନ୍ଦୋଳନ ଜାରି ରଖିବ। ଏଥିପାଇଁ ଅଞ୍ଚଳବାସୀ ଙ୍କ ସହଯୋଗ ଆବଶ୍ୟକ ।

## ଅଭିଯୋଗ ପରେ ମିଳିଲାନି ନ୍ୟାୟ: ଥାନା ଆଗରେ ଆତ୍ମହୁତି ଦେବେ ମହିଳା

### ସାମ୍ବାଦିକ ସମ୍ମିଳନୀରେ ଦେଲେ ସୂଚନା

ବାଲିଆପାଳ ୧୩/୯ (ଆପ୍ର) ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ବିରିପାଲିଆ ଗ୍ରାମବାସୀଙ୍କ ଦ୍ୱାରା ସୁକାନ୍ତି ଦାସଙ୍କ ବାଡ଼ିରୁ ସେପଟ୍ମେର ୯ ତାରିଖ ରେ ଗଛ କାଟିବା ଓ ବାଢ ଭାଙ୍ଗିବା , ପୁଣି ୧୧ ତାରିଖ ଦିନ ତାଙ୍କୁ ଜୋରଜବରଦସ୍ତ ଘରେ ତାଲା ପକାଇ ଦେଇ ତାଙ୍କ ରୋଷେଇ ଘରକୁ ଜେସିପି ଲଗାଇ ଭାଙ୍ଗିଦେଇଥିଲେ। ଏନେଇ ମହିଳା ଜଣଙ୍କ ଦୁଇ ଥର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଦ୍ୟାବଧି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ଶ୍ରୀମତୀ ଦାସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏବଂ ନ୍ୟାୟ ନମିଳିବାରୁ ବାଲିଆପାଳ ଥାନା ସମ୍ମୁଖରେ ଆତ୍ମହୁତି ଦେବାକୁ ବାଧ ହେବେ ବୋଲି ଶନିବାର ପୂର୍ବାହ୍ନ ରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।



## ମେଘାସନ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଉଦଳା , ୧୩/୯ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଆଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଆଜି ସେପଟ୍ମେର ୧୩ ତାରିଖ ଶନିବାର ଦିନ ବିଶ୍ୱପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇ ଯାଇଛି । ଯୁବ ରେଡ଼କ୍ରସ ୟୁନିଟର ନେତୃତ୍ୱରେ ଆୟୋଜିତ ଉକ୍ତ ଦିବସ ଅବସରରେ ଏକ ଆଲୋଚନାଚକ୍ର ର ପର୍ବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନାଚକ୍ରକୁ



ଉଦ୍‌ଘାଟନ କରି ପ୍ରାଥମିକ ଚିକିତ୍ସା ବିଷୟରେ ସମସ୍ତେ ତାଲିମ ନେବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଯୁବ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ବିଜୟ କୁମାର ନାୟକ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଦୁର୍ଘଟଣାରେ ଯେତିକି ଲୋକ ପ୍ରାଣ ହରାଇଥାନ୍ତି, ତା ଠାରୁ ଅଧିକ ଲୋକ ଉପଯୁକ୍ତ ପ୍ରାଥମିକ ଚିକିତ୍ସାର ଅଭାବ ଯୋଗୁଁ ପ୍ରତିବର୍ଷ ପ୍ରାଣ ହରାଉଥିବାର କଥା ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଫନିଭୂଷଣ ପୁଥାଳ, ସରୋଜ କୁମାର ମହାନ୍ତି, ପ୍ରସନ୍ନ କୁମାର ପଣ୍ଡା, ବୃନ୍ଦାବନ ମହାନ୍ତି, ଗ୍ରାନ୍ଥାଗାରିକ ମନୋରଂଜନ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରି ପ୍ରାଥମିକ ଚିକିତ୍ସାର ତାଲିମ ଆଜି ସମସ୍ତଙ୍କ ପକ୍ଷେ କିପରି ଜରୁରି ହୋଇ ପଡ଼ିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ରେଡ଼କ୍ରସର ସହ ସଂଯୋଜିକା ଅଧ୍ୟାପିକା ଡ଼. କମଳିନି ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida